ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.135 Bhubaneswar Monday, July 12, 2021 | ୨୪ତମ ବର୍ଷ ସଂଖ୍ୟା–୧୩୫ ଭୁବନେଶ୍ୱର, ସୋମବାର, ଜୁଲାଇ ୧୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ସିଂହଦ୍ୱାରରେ ଲାଗିଲା ତିନି ରଥ

### ଆଜ୍ଞାମାଳ ବିଜେ ପରେ ରଥଟଣା ଆରମ୍ଭ

ପୁରୀ, ୧୧ା୭(ପି.ଏନ): ଆଜି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ଆଜି ଶ୍ରୀମନ୍ଦିର ରୁ ଆଜ୍ଞାମାଳ ରଥଖଳା କୁ ଅଣାଯାଇଥିଲା। ସକାଳଧୂପ ପରେ ତିନୋଟି ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ତିନି ଜଣ ପୁଜାପଣ୍ଡା ସିଂହଦ୍ୱାର ଠାରୁ ଶୋଭାଯାତ୍ରା ରେ ରଥଖଳାକୁ ଯାଇଥିଲେ। ରଥଖଳା ରେ ତିନି ରଥରେ ଆଜ୍ଞାମାଳ ବିଜେ କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ରଥଖଳା ରେ ରଥ ନିର୍ମାଣ ପରେ ରଥକନା ପଡିଥିଲା। ସେବାୟତ ମାନେ ତିନି ରଥ କୁ ଟାଣି ଟାଣି ସିଂହଦ୍ୱାର ରେ ଲଗାଇଥିଲେ। ଶ୍ରୀଜଗନ୍ନାଥ ଙ୍କ ନନ୍ଦିଘୋଷ ରଥ, ଶ୍ରୀବଳଭଦ୍ର ଙ୍କ ତାଳଧ୍ୱଜ ରଥ ଓ ମାଆ ସୁଭଦ୍ରା ଙ୍କ ଦର୍ପଦଳନ ରଥ ସିଂହଦ୍ୱାର ରେ ଚତୁର୍ଦ୍ଧାମୂର୍ତ୍ତି ଙ୍କୁ ଅପେକ୍ଷା କରି ରହିଛନ୍ତି। ରଥଟଣା ସମୟରେ ଘଂଟ ଘଂଟା ବାଜିଥିଲା। ବାହୁକ ବେତ ହଲାଇ ନିର୍ଦ୍ଦେଶ ଦେଲା ପରେ ରଥଟଣା ଆରମ୍ଭ ହୋଇଥିଲା। ବ୍ୟାପକ ପୁଲିସ ସୁରକ୍ଷା ମଧ୍ୟରେ ରଥ ସିଂହଦ୍ୱାର ରେ ଲାଗିଥିଲା।

## ଆଣ୍ଡାମାନରେ ହେବନି ରଥଯାତ୍ରା

ଭୁବନେଶ୍ୱର, ୧୧ା୭(ପି.ଏନ):- ଆଣ୍ଡାମାନ ନିକୋବରର ପୋର୍ଟବ୍ଲେୟାର ଠାରେ ଶ୍ରୀ ଜଗନ୍ନାଥଙ୍କ ପ୍ରତିବର୍ଷ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ କରୋନା କଟକଣା ପାଇଁ ରଥଯାତ୍ରା ହେବ ନାହିଁ। କେବଳ ପରମ୍ପରା ରକ୍ଷା ପାଇଁ ନୀତି ପୂଜା କରାଯିବ। ଆଣ୍ଡାମାନ୍ 'ଉତ୍କଳ ସମାଜ' ପକ୍ଷରୁ ଓଡ଼ିଆଙ୍କ ଦ୍ୱାରା ପ୍ରତିବର୍ଷ ସେଠାରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ହୁଏ । ମନ୍ଦିରରୁ ବାହାରି ସହର ପରିକ୍ରମା କରି ରାଜସ୍ଥାନ ମନ୍ଦିର ନିକଟ ଜଗନ୍ନାଥ ମନ୍ଦିରକୁ ଫେରିଥାନ୍ତି । ତେବେ ଚଳିତ ବର୍ଷ କେବଳ ବିଧି ଅନୁଯାୟୀ ନୀତି ପୂଜା କରାଯିବ ବୋଲି ଉତ୍କଳ ସମାଜର ସଭ୍ୟ ବିଜୟ କୁମାର ଜେନା ଓ ସରୋଜ ଦାସ ସୂଚନା ଦେଇଛନ୍ତି ।



କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି

## ଗୋଟିଏ ଦିନରେ ୨୨୮୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧ା୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୨୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୩୯୭୫୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୦୯୬୩୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୫୪୬୧ ରହିଛି । ଆଜି ଚିହ୍ନଟ ହୋଇଥିବା ୨୨୮୨ ଜଣଙ୍କ ମଧ୍ୟରୁ ୧୩୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୬୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୯୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବକା ବେଳେ ବାଲେଶ୍ୱରରୁ ୧୪୬ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୦, କଟକରୁ ୨୮୯, ଦେବଗଡ ଜିଲ୍ଲାରୁ ୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୫ ଜଣ, ଗଜପତି ଜିଲ୍ଲାରୁ ୮ , ଗଞ୍ଜାମରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୩ ଜଣ, ଯାଜପୁରରୁ ୧୧୧ ଜଣ, ଝାରସୁଗୁଡ଼ାରୁ ୧୧ ଜଣ, କଳାହାଣ୍ଡିରୁ ୧୨ ଜଣ, କନ୍ଧମାଳ ଜିଲ୍ଲାରୁ ୨୦ ଜଣ. କେନ୍ଦ୍ରାପଡ଼ାରୁ ୬୨ ଜଣ, କେନ୍ଦୁଝରରୁ ୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୯୨ ଜଣ, କୋରାପୁଟରୁ ୪୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୪୧ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ରୁ ୮୩ ଜଣ, ନୂଆପଡ଼ାରୁ ୦୨ ଜଣ, ପୁରୀରୁ ୧୨୭ ଜଣ, ରାୟଗଡ଼ାରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୮ ଜଣ, ସୋନପୁରରୁ ୦୭ ଜଣ, ସୁନ୍ଦରଗଡ଼ରୁ ୬୭ ଜଣ ଓ ଷ୍ଟେଟ୍ ପୁଲରୁ ୧୧୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ମାଓବାଦୀଙ୍କ ବିରୁଦ୍ଧରେ ଅପରେସନରେ ଆହତ ହୋଇଥିବା ଜବାନଙ୍କୁ ଭେଟିଲେ ଡିଜିପ :ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଲେ

ଭୁବନେଶ୍ୱର, ୧୧ା୭(ପି.ଏନ): କନ୍ଧମାଳ ଗୋଛାପଡ଼ା ଥାନା ଉମା ଜଙ୍ଗଲରେ କମ୍ବିଂ ଅପରେସନ ବେଳେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିମାଡ ଫଳରେ ଆହତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିବା ଏସ୍ଓଜିର ଦୁଇଜଣ ଜବାନଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଭେଟି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ଉଲ୍ଲେଖନୀୟ ଯେ ଗତକାଲି କନ୍ଧମାଳ ଗୋଛାପଡ଼ା ଥାନା ଉମା ଜଙ୍ଗଲରେ କମ୍ବିଂ ଅପରେସନରେ ଯାଇଥିବା ସୁରକ୍ଷାକର୍ମୀଙ୍କ ଉପରକୁ ହଠାତ୍ ଆଖିବୁଜା ଗୁଳି ଚଳାଇଥିଲେ ଲାଲବାହିନୀ । ଗୁଳିବାଜି ଗୁରୁତର ଆହତ ହୋଇଥିଲେ ଏସ୍ଓଜିର ଏ ଦୁଇ କମାଣ୍ଡୋ । ସିଆରପିଏଫ ଯବାବନ୍ ମାନେ ତୁରନ୍ତ ଉଭୟଙ୍କୁ ସୀମାରେ ଥିବା ବୌଦ୍ଧ ଜିଲ୍ଲାର ପାଦେଲପଡ଼ାକୁ ଆଣିଥିଲେ । ତେବେ ଉଭୟଙ୍କୁ ଏୟାରଲିଫ୍ଟ କରିବା ପାଇଁ ଆସିବାକୁ ଥିବା ଭାରତୀୟ ବାୟୁସେନାର ଏକ ହେଲିକପ୍ଟର ଖରାପ ପାଗ ଯୋଗୁଁ ଆଗକୁ ବଢ଼ି ନପାରି ଛତିଶଗଡ଼ ମହାସମୁନ୍ଦରୁ ଫେରିଯାଇଥିଲା । ହେଲେ ସୌଭାଗ୍ୟକୁ ଏତିକି ବେଳେ ହେଲିକପ୍ଟର ଯୋଗେ କୋରାପୁଟ୍-ମାଲକାନଗିରି ଗସ୍ତରେ ଯାଉଥିବା ଡିଜିପି ଅଭୟ ତୁରନ୍ତ ଗସ୍ତ ବାତିଲ କରି ସୁନାବେଡ଼ାରୁ ସିଧା ପାଦେଲପଡ଼ା ପହଂଚିଥିଲେ । ଉଭୟଙ୍କୁ ନିଜ ହେଲିକପ୍ଟରରେ ଏୟାର ଲିଫ୍ଟ କରି ଭୁବନେଶ୍ୱର ନେଇ ଆସିଥିଲେ ।

## ୫ ଜିଲ୍ଲାରେ କମୁନି ସଂକ୍ରମଣ

ଭୁବନେଶ୍ୱର, ୧୧ା୭(ପି.ଏନ): ରାଜ୍ୟର କଟକ, ଖୋର୍ଦ୍ଧା, ଯାଜପୁର, ମୟୁରଭଞ୍ଜ, ପୁରୀ ଭଳି ଜିଲ୍ଲାରେ ସଂକ୍ରମଣ କମୁନାହିଁ। ତେଣୁ ଏହିସବୁ ଜିଲ୍ଲାରେ ଅନଲକ ପ୍ରକ୍ରିୟା ଜାରି ରହିବା ସହ କୋଭିଡ ନିୟମକୁ କଡାକଡି ଲାଗୁ କରାଯିବା ଦରକାର ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର କହିଛନ୍ତି।

## କଲିକତା ପୋଲିସ ଦ୍ୱାରା ତିନି ଜଣ ଜେଏମବି ଆତଙ୍କବାଦୀ ଗିରଫ

କଲିକତା, ୧୧ା୭(ପି.ଏନ): ପଶ୍ଚିମବଙ୍ଗର ରାଜଧାନୀ କଲିକତାରେ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ) ଟିବ୍ ବାଂଲାଦେଶର ଆତଙ୍କବାଦୀ ସଂଗଠନ ଜମାତ-ଉଲ-ମୁଜାହିଦ୍ଦିନ ବାଂଲାଦେଶ (ଜେଏମବି) ର ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି । ସେମାନଙ୍କୁ ନାଜିୟର ରେହମାନ, ସେଖ ସମୀର ଏବଂ ରିଜାଓଲ ବୋଲି ଚିହ୍ନଟ କରାଯାଇଛି । ରବିବାର ସନ୍ଧ୍ୟାରେ ଲାଲ ବଜାର କଲିକତା ପୋଲିସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏସଟିଏଫ ଡେପୁଟି କମିଶନର ଆଇପିଏସ୍ ବି.ସାଲେମନ ନିଶା କୁମାର ସେମାନଙ୍କ ଗିରଫ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଦକ୍ଷିଣ କଲିକତାର ହରିଦେବପୁର ଅଂଚଳରୁ ଶନିବାର ଏବଂ ରବିବାର ମଧ୍ୟରାତ୍ରୀରେ ଏହି ତିନିଜଣ ଧରା ପଡ଼ିଥିଲେ । ଯେଉଁଠାରେ ସେମାନେ ଏକ ଭଡ଼ା ଘରେ ରହୁଥିଲେ ଏବଂ ଏଠାରୁ ଆତଙ୍କବାଦୀ ଷଡ଼ଯନ୍ତ୍ର କରିଥିଲେ । ସେମାନଙ୍କର ପାକିସ୍ଥାନୀ ଗୁପ୍ତଚର ଏଜେନସି ଆଇଏସଆଇ ସହିତ ମଧ୍ୟ ଲିଙ୍କ ରହିଛି । ସେମାନଙ୍କୁ ନିରନ୍ତର ପଚରାଉଚୁରା କରାଯାଉଛି ।ଆତଙ୍କବାଦୀ ମାନଙ୍କ ଠାରୁ ହତିଆର ଉଦ୍ଧାର କରାଯାଇଛି । ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ଲୋକମାନେ କିଛି ଦିନ ପୂର୍ବରୁ ମୁର୍ଶିଦାବାଦରେ ରହୁଥିଲେ ଏବଂ ନିକଟରେ କଲିକତି ସ୍ଥାନାନ୍ତର ହୋଇଥିଲେ । ଶନିବାର ରତିରେ ସୂଚନା ପାଇବା ପରେ ଏସଟିଏଫ୍ ଟିମ୍ ସ୍ଥାନୀୟ ପୋଲିସ ସହିତ ଚଢ଼ାଉ କରି ତିନି ଜଣଙ୍କୁ ଧରିଥିଲେ । ପ୍ରାରମ୍ଭରେ ପୋଲିସ ସନ୍ଦେହ କରୁଛି ଯେ, ଏହି ତିନିଜଣ କଲିକତାରେ ଆତଙ୍କବାଦୀଙ୍କ ନିଯୁକ୍ତି, ତାଲିମ ଏବଂ ପାଂଠି ସଂଗ୍ରହ କାର୍ଯ୍ୟ କରୁଛନ୍ତି । ଏହି ତିନିଜଣ ସକ୍ରିୟ ଆତଙ୍କବାଦୀ । ସେମାନଙ୍କଠାରୁ ମୋବାଇଲ ଫୋନ୍, ଡାଏରୀ ସମତେ ଇସଲାମିକ ମୌଳିକତା ସମ୍ବନ୍ଧୀୟ ଟିପ୍ପଣୀ ଏବଂ ପୁସ୍ତକ ଗୁଡ଼ିକ ମଧ୍ୟ ଉଦ୍ଧାର କରାଯାଇଛି । ଜେଏମବି ଆତଙ୍କବାଦୀଙ୍କ ନାମ ଏବଂ ସଂଖ୍ୟା ସେମାନଙ୍କ ଡାଏରୀରେ ଦେଖିବାକୁ ମିଳିଛି । ଏହି ସୂଚନା ବାଂଲାଦେଶର ସୁରକ୍ଷା ଏଜେନସୀ ଗୁଡ଼ିକୁ ମଧ୍ୟ ଦିଆଯିବ । ପ୍ରାରମ୍ଭରେ ଏହି ଲୋକମାନେ ସ୍ୱୀକାର କରିଛନ୍ତି ଯେ, ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ସ୍ଲିପର ସେଲ ତିଆରି କରିଛନ୍ତି । ସୋସିଆଲ ମିଡ଼ିଆ ମାଧ୍ୟମରେ ଯୁବକମାନଙ୍କୁ ଆତଙ୍କବାଦ ସହ ଯୋଡ଼ିବା ପାଇଁ ମଧ୍ୟ କାର୍ଯ୍ୟ କରୁଥିଲେ । ବାଂଲାଦେଶ ସୀମାବର୍ତ୍ତୀ ମାଲଦା ଏବଂ ମୁର୍ସିଦାବାଦ ଜିଲ୍ଲାରେ ଏହି ଲୋକମାନଙ୍କର ସ୍ଲିପର ସେଲ ପ୍ରସ୍ତୁତ ହୋଇସାରିଛି । ସୂଚନାଯୋଗ୍ୟ ଯେ, ପଶ୍ଚିମ ବଙ୍ଗରେ ନିକଟରେ ଅନେକ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି, ଯେଉଁଥିରେ ଜେଏମବି ଆତଙ୍କବାଦୀ ତଥା ଲସ୍କର-ଇ-ତୋଇବା ଏବଂ ଅନ୍ୟ ଆତଙ୍କବାଦୀ ସଂଗଠନ ମଧ୍ୟ ସାମିଲ ଅଛନ୍ତି ।

## ଘୋଷଯାତ୍ରା ପାଇଁ ଶ୍ରୀକ୍ଷେତ୍ର ର ଜଳ-ସ୍ଥଳ-ଆକାଶ ପଥ ସିଲ୍

ପୁରୀ, ୧୧ା୭(ପି.ଏନ):ବିଶ୍ୱ ମହାମାରୀ କରୋନା ସମୟରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧ ତାରିଖ ରାତି ୮ ଟାରୁ ୧୩ ତାରିଖ ରାତି ୮ ଟା ପର୍ଯ୍ୟନ୍ତ ବଡଦାଣ୍ଡ ରେ ୧୪୪ ଧାରା ବଳବତର ରହିବ। ଛାତ ଉପରୁ ବଡଦାଣ୍ଡ ର ବାସିନ୍ଦା ମାନେ ରଥଯାତ୍ରା ଦେଖିପାରିବେ ନାହିଁ। ଏଥିପାଇଁ ୭୩୮ ଜଣ ହୋମଗାର୍ଡ ନିୟୋଜିତ ହେବେ। ପୁରୀ କୁ ସମସ୍ତ ପ୍ରବେଶ ପଥ ସିଲ୍ କରାଯାଇଛି। ବାହାର ର କୌଣସି ବ୍ୟକ୍ତି ପୁରୀ ଭିତରକୁ ପ୍ରବେଶ କରିପାରିବେ ନାହିଁ। ଜଳପଥ ସମୁଦ୍ର ନିକଟରେ ବ୍ୟାପକ ପୁଲିସ ପ୍ରହରା ବ୍ୟବସ୍ଥା କରାଯାଇଛି। ମେରାଇନ ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରାଯାଇଛି। ଲାଇଫ ଗାର୍ଡ ମାନେ ସମୁଦ୍ର କୂଳେ ସଜାଗ ରହିଛନ୍ତି। ଏହାସହ ଅତି ଉଚ୍ଚ କ୍ଷମତା ସଂପର୍ଣ୍ଣ ବାଇନାକୁଲର ସାହାଯ୍ୟ ରେ ଆକାଶ ପଥ କୁ ମଧ୍ୟ ପୁଲିସ ନଜର ରଖିଛି। ଏହାସହ ବଡଦାଣ୍ଡ ଉଚ୍ଚ କୋଠା ରେ ପୁଲିସ ବାଇନାକୁଲର ସାହାଯ୍ୟ ରେ ଆକାଶ ଓ ବଡଦାଣ୍ଡ କୁ ନଜର ରଖିଛି। ପୁରୀ ସହରକୁ ୧୨ ଟି ଯୋନ ରେ ବିଭକ୍ତ କରାଯାଇ ପୁଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।ପୁଲିସ ମହାନିର୍ଦ୍ଦେଶକ ଶ୍ରୀଅଭୟ ,ଉପମହାନିର୍ଦ୍ଦେଶକ,ଏସପି କେ ବିଶାଲ ସିଂ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଛନ୍ତି। ଟ୍ରାଫିକ୍ କଂଟ୍ରୋଲ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବଡଦାଣ୍ଡ ରେ ୨୫ ଟି ସିସିଟିଭି ଜଗିଛି। ବଡଦାଣ୍ଡ କୁ ୪ ଟି ଯୋନରେ ବିଭକ୍ତ କରାଯାଇଛି। ସିଂହଦ୍ୱାର, ମାର୍କେଟ ଛକ,ମେଡିକାଲ ଛକ ଓ ଗୁଣ୍ଡିଚା ମନ୍ଦିର ନିକଟରେ ପୁଲିସ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରାଯାଇଛି। ୬୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୃତୟନ ହୋଇଛନ୍ତି। ଏହାସହ ଏଏସପି -୧୦ଜଣ , ଡିଏସପି-୩୧ଜଣ,ଇନସପେକ୍ଟର-୬୪ଜଣ,ଏସଆଇ ଓ ଏଏସଆଇ-୨୨୨ ଜଣ, ପୁଲିସ ଅଧିକାରୀ-୩୨୭ଜଣ , ହାବିଲଦାର-୧୮୨ଜଣ,ଏପିଆର-୫୬ଜଣ ଓ ହୋମଗାର୍ଡ-୭୨୮ ଜଣ ମୃତୟନ ହୋଇଛନ୍ତି। ପୁରୀ ସହର ଚାରିପଟ ପୁଲିସ ଘେରାବନ୍ଦୀ ରେ ରହିଛି।





ସତ୍ୟମେବ ଜୟତେ

ପବିତ୍ର ରଥଯାତ୍ରା ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା–୨୦୨୧ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଅଧ୍ୟାତ୍ମ ଅନ୍ୱେଷଣର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

କରୋନା ମହାମାରୀ ବିରୋଧରେ ମାନବଜାତିର ଲଢେଇରେ ବିଜୟ ନିମନ୍ତେ ମହାପ୍ରଭୁଙ୍କ କରୁଣା ପ୍ରାର୍ଥନା କରୁଛି ।

(ଗଣେଶୀ ଲାଲ)

DADLS-11
15001/13/0017/2122



ବାର୍ତ୍ତା

ପବିତ୍ର ରଥଯାତ୍ରା ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା



ବାର୍ତ୍ତା



ପବିତ୍ର ରଥଯାତ୍ରା ଉପଲକ୍ଷେ ଆସନପାଟ,ଝୁମ୍ପୁରା ଅଞ୍ଚଳ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଚନ୍ଦ୍ରହାସ୍ୟ ନାୟକ
କୃଷକ ସାଥୀ ଓ ଉଦ୍ୟାନ ସାଥୀ
ଆସନପାଟ, ଝୁମ୍ପୁରା





ଶ୍ରୀଗୁଣ୍ଡିଚା ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କୋଟିକୋଟି ଭକ୍ତଜନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷ କୋଭିଡ କଟକଣା ମଧ୍ୟରେ ବିନା ଭକ୍ତରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି । ଆମେ ସମସ୍ତେ ଘରେ ରହି ମହାପ୍ରଭୁଙ୍କର ପତିତପାବନ ଯାତ୍ରାକୁ ଦର୍ଶନ କରିବା । ମହାପ୍ରଭୁ ଆମ ହୃଦୟରେ ସଦାସର୍ବଦା ରହିଛନ୍ତି ଏବଂ ଆମକୁ ସବୁବେଳେ ସତ୍‌ଚିନ୍ତନ ଓ ସତ୍‌କର୍ମ ପାଇଁ ପ୍ରେରଣା ଦେଇଆସୁଛନ୍ତି ।

ଏହି ପବିତ୍ର ଅବସରରେ ମାନବ ସମାଜର କଲ୍ୟାଣ ତଥା ଏକ ସମୃଦ୍ଧ ଭବିଷ୍ୟତ ପାଇଁ ମହାପ୍ରଭୁଙ୍କ ନିକଟରେ ମୋର ପ୍ରାର୍ଥନା ଜଣାଉଛି ।

ଜୟ ଜଗନ୍ନାଥ

(ନବୀନ ପଟ୍ଟନାୟକ)

DADLS-11
15001/13/0017/2122





ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

ବିଶ୍ୱ ଭ୍ରାତୃତ୍ୱ, ସଂପ୍ରୀତି ଓ ସଂହତିର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ମୁଁ ଓଡ଼ିଶାବାସୀ ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସମସ୍ତ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀ ଭଳି କଠିନ ସମୟରେ ଆପଣମାନେ ଘରେ ରହି ଦୂରଦର୍ଶନ ମାଧ୍ୟମରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଦର୍ଶନ କରନ୍ତୁ । ବିଶ୍ୱ ନିୟନ୍ତା ମହାପ୍ରଭୁଙ୍କ ଅପାର କରୁଣାରୁ ବିଶ୍ୱରୁ ଏ ମହାମାରୀ ଦୂରେଇଯାଉ ଏବଂ ଜଗତର ମଙ୍ଗଳ ଘଟୁ, ଏହା ହିଁ ମୋର ପ୍ରାର୍ଥନା ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-11
15001/13/0017/2122








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମାୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’ । ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ମଣିମଲ୍ଲଙ୍କଠାରୁ ମଧୁବାବୁ...





“ମୁଁ ଜନ୍ମଗତ ସମ୍ମାନ ଓ ନିଜ ଦ୍ୱାରା ଅର୍ଜିତ ସମ୍ମାନର ପାର୍ଥକ୍ୟ ଶିଖିଲି ଏବଂ ଭବିଷ୍ୟତ ଜୀବନରେ ଆତ୍ମ ଅର୍ଜିତ ସମ୍ମାନ ପାଇବା ପାଇଁ ଚେଷ୍ଟା କରିବି ବୋଲି ଠିକ୍ କଲି।” ଜନ୍ମଗତ ସମ୍ମାନ ଓ ଆତ୍ମ ଅର୍ଜିତ ସମ୍ମାନ ପ୍ରତି ବାଲ୍ୟକାଳରୁ ସଚେତନ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ। ଏକଦା ବାରମାଟି ଖୋରଧା ଥିଲା ସେମାନଙ୍କର ବାସସ୍ଥଳୀ। ଜଟଣୀ ରଥପୁରରେ ତାଙ୍କର ପୂର୍ବପୁରୁଷମାନେ ଅବସ୍ଥାନ କରୁଥିଲେ। ବିଶିଷ୍ଟ ଔପନ୍ୟାସିକ ତଥା ଖ୍ୟାତନାମା ସାମ୍ବାଦିକ ସୁରେନ୍ଦ୍ର ମହାନ୍ତିଙ୍କ ‘ମଧୁସୂଦନ ଦାସ’ ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେଥିରେ ସେ ଲେଖିଛନ୍ତି- “ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ଶାସନ କ୍ଷେତ୍ରରେ ଗୋଟିଏ ପ୍ରବଳ ଆଲୋଡ଼ନ, ବିଲୋଡ଼ନ ଓ ଅନିଶ୍ଚିତତା ଲାଗି ରହିଥିବାବେଳେ ମଣିମଲ୍ଲ ନାମକ ଜଣେ ଖଣ୍ଡାୟତ ସର୍ଦ୍ଦାର ସ୍ୱାଧୀନ ଉତ୍କଳର ଶକ୍ତିପୀଠ ଖୋରଧାରୁ ଉଠିଆସି ସତ୍ୟଭାମାପୁର ଗ୍ରାମରେ ଗୋଟିଏ ଚଉପାଢ଼ି ସ୍ଥାପନ କରି ସେଠାରେ ବସବାସ କରିଥିଲେ।”

ସତ୍ୟଭାମାପୁରର ଏହି ପରିବାରଟି ଥିଲା ବହୁ ଭୂସମ୍ପତ୍ତିର ଅଧିକାରୀ, ଗୋଟିଏ ଧନଶାଳୀ ପରିବାର। ଗ୍ରାମର ପଶ୍ଚିମ ପ୍ରାନ୍ତକୁ ଗୋଟିଏ ବିରାଟ ଚକଘେରା ହତାବାଡ଼ି ଭିତରେ ଠିଆ ହୋଇଥିବା ଚୌଧୁରୀ ପରିବାରର ଗଡ଼ଦମରା ସାତ ଶେଣିଆ ହାତୀଶାଳ ପରି ଖଞ୍ଜାଘର। ଖାଲି ଏ ଘର ତ ନୁହେଁ, ଘର ଚାରିପାଖେ ଆମ୍ବତୋଟା, ନଡ଼ିଆମାଳ, ଫୁଲ ବଗିଚା ଆଉ ଅମାରଘରର ଗହଳିରେ ଚଉଦମାଣିଆ ଚକଟା ଭରପୂର ହୋଇ ଉଠିଥିଲା। ମାତ୍ର ୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ହାତକୁ ଚାଲିଯିବା ପରଠାରୁ ସତ୍ୟଭାମାପୁର ଚୌଧୁରୀ ପରିବାରର ସୌଭାଗ୍ୟ-କର୍ପୂର ଦିନୁ ଦିନ ଉଡ଼ିଯିବାରେ ଲାଗିଲା। ବର୍ଷକୁ ବର୍ଷ ନୂଆ ଜମାବନ୍ଦି ଫଳରେ ଜମାବୃଦ୍ଧି ସାଙ୍ଗକୁ ରାଜସ୍ୱ ଠିକ୍ ସମୟରେ ପଇଠ ଦେଇ ନ ପାରିବା ଫଳରେ ଚୌଧୁରୀ ପରିବାରର ଜମିଦାରୀ ଇଲାକା ସବୁ ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତା ଠାରେ ନିଲାମ ଉଠିବାକୁ ଲାଗିଲା। ଏହାର ନିକଟରେ ବିଶୁନପୁର ଏକ ରାଜ୍ୟ ଥିଲା। ଏହାର ରାଜା ଥିଲେ କୃପାସିନ୍ଧୁ ଶ୍ରୀଚନ୍ଦନ। ସୂର୍ଯ୍ୟାସ୍ତ ଆଇନ ବଳରେ ୧୮୧୪ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜ୍ୟ ନିଲାମ ହୋଇଥିଲା। ନିମାପଡ଼ା ଅଣ୍ଟିଆ ଗଡ଼ର ରାଜା ଜଗବନ୍ଧୁ ରାଟସିଂହଙ୍କ ରାଜ୍ୟ ମଧ୍ୟ ସେହିଭଳି ଚାଲିଯାଇଥିଲା। ଓଡ଼ିଶାରୁ କଲିକତାକୁ ଯିବା ପାଇଁ ସେତେବେଳକୁ ରେଳରାସ୍ତା ବା ପାଦଚଲା ବାଟ ମଧ୍ୟ ନଥାଏ। ତେଣୁ ଓଡ଼ିଆ ଜମିଦାରମାନଙ୍କ ଇଲାକା ସବୁ ତେଣେ ନିଲାମରେ ଉଠିଲା ବେଳକୁ ସେ ଖବରଟା ସୁଦ୍ଧା ଓଡ଼ିଶାରେ ଆସି ପହଞ୍ଚି ପାରୁ ନଥାଏ। ଏପରି ଭାବରେ ଓଡ଼ିଶାର ବହୁ ସଂଭ୍ରାନ୍ତ ପରିବାର ପରି ସତ୍ୟଭାମାପୁର ଚୌଧୁରୀ ପରିବାର କଲିକତାର ‘ଲ୍ୟାଣ୍ଡ ସେକ୍ୟୁଲେଟର’ମାନଙ୍କ ହାତରେ ନିଜର ଅଧିକାଂଶ ଜମିବାଡ଼ି ହରାଇବା ପରେ ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଲା। ସଂସାର ଯାତ୍ରାର ଅନଟନ ସତ୍ତ୍ୱେ ପିତା ରଘୁନାଥଙ୍କ ମନରେ ଆଭିଜାତ୍ୟ ଆଉ ଆତ୍ମଗୌରବର ଗୋଟାଏ ପ୍ରଚ୍ଛନ୍ନ ଭାବ ସବୁବେଳେ ଲାଗି ରହିଥାଏ। କାହିଁ କେତେ ପୁରୁଷତଳେ ସତ୍ୟଭାମାପୁର ଚଉପାଢ଼ିର ଆଦି ସ୍ଥାପୟିତା ଖଣ୍ଡାୟତ ମଣି ମଲ୍ଲଙ୍କର ରକ୍ତ ଯେ ତାଙ୍କର ଧମନୀରେ ଏବେ ବି ପ୍ରବାହିତ ହେଉଅଛି, ଏହି ଧାରଣାଟା ସବୁବେଳେ ମନରେ ଖେଳି ବୁଲୁଥାଏ। ଉକ୍ତ ପ୍ରସଙ୍ଗଟି ମଧୁବାବୁଙ୍କ ଜୀବନୀ ଉପରେ ଆଧାରିତ ଅନ୍ୟ ଏକ ପୁସ୍ତକ ‘ଶତାବ୍ଦୀର ସୂର୍ଯ୍ୟ’ରେ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି। ଖୋରଧା ଅଞ୍ଚଳରେ ଖଣ୍ଡାୟତମାନଙ୍କର ସଂଜ୍ଞା ନବଜାତକର ଜନ୍ମ ହେବା ସମୟରେ ବେଳେ ବେଳେ ପରିବର୍ତ୍ତନ କରି ଦିଆଯାଇଥାଏ। ଯାହା ଫଳରେ ମଧୁବାବୁ, ତାଙ୍କ ପିତା ସହ ପ୍ରପିତାମହମାନଙ୍କର ସଂଜ୍ଞା “ମଲ୍ଲ”ରୁ ଦାସ ହୋଇଯାଇଥିଲା।

ମଧୁବାବୁ ଥିଲେ ଉଚ୍ଚାଭିଳାଷୀ। ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କର ଶିକ୍ଷାର୍ଜନର ପିପାସା ପ୍ରବଳ ଥିଲା। ସେ ୧୮୬୪ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ଏଣ୍ଟ୍ରାନସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଉଚ୍ଚଶିକ୍ଷା ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ଥିଲା। ଉଚ୍ଚ ଶିକ୍ଷା ପାଇଁ ଅର୍ଥ ସଂଗ୍ରହ ନିମିତ୍ତ ବାଲେଶ୍ୱର ଜିଲ୍ଲା ସ୍କୁଲରେ କିଛିକାଳ ଶିକ୍ଷକତା କଲେ। ସେହି ସମୟରେ ତାଙ୍କର ଫକୀରମୋହନ ସେନାପତି, ରାଧାନାଥ ରାୟଙ୍କ ସଙ୍ଗେ ବନ୍ଧୁତା ହେଲା। ମଧୁବାବୁ ଉଚ୍ଚ ଶିକ୍ଷା ପାଇଁ ଷ୍ଟିମର ଯୋଗେ କଲିକତା ଗଲେ। ସେଠାରେ ପହଞ୍ଚିବା ପରେ ଆର୍ଥିକ ଅନଟନର ସମ୍ମୁଖୀନ ହେଲେ। ସେ ଭବାନୀପୁରର ଲଣ୍ଡନ ମିଶନ ସୋସାଇଟି କଲେଜରେ ପହଞ୍ଚିଲେ। ସେଠାରେ ସୁପରିଟେଣ୍ଡେଣ୍ଟ୍ ରେଭେରେଣ୍ଡ ଜେ.ପି. ଆଷ୍ଟନ ତାଙ୍କର କରୁଣ କାହାଣୀ ଶୁଣି ତାଙ୍କୁ କଲେଜରେ ନାମ ଲେଖାଇବାକୁ ଅନୁମତି ଦେଲେ ଓ ପାଠ ପଢା ଖର୍ଚ୍ଚ ପାଇଁ ମାସିକ ଆଠ ଟଙ୍କା ବୃତ୍ତି ଦେବାର ବ୍ୟବସ୍ଥା କଲେ। ଘରୁ ସାହାଯ୍ୟ ପାଇବାର ଆଶା ନଥିବାରୁ ଅନେକ ସମୟରେ ଉପବାସରେ ରହୁଥିଲେ। ତଥାପି କର୍ତ୍ତବ୍ୟ ପଥରେ ଅଟଳ ରହିଥିଲେ। ୧୮୬୮ ମସିହାରେ ସେ ଏଫ୍. ଏ. ପାଶ କଲେ। ୧୮୬୯ରେ ସେ ଖ୍ରୀଷ୍ଟିୟ ଧର୍ମରେ ଦୀକ୍ଷିତ ହୋଇଥିବାର ଜଣାପଡ଼େ। ୧୮୭୦ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଏହାଦ୍ୱାରା ସେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ ହେବାର ସୌଭାଗ୍ୟ ଅର୍ଜନ କଲେ। ୧୮୭୩ରେ ସେ ଏମ୍.ଏ ପାଶ କଲେ। ଏହାପରେ ସେ ଗାର୍ଡ଼ନରିଚ ହାଇସ୍କୁଲର ପ୍ରଧାନଶିକ୍ଷକ ପଦରେ ରହି ମାସିକ ଅଶୀଟଙ୍କା ଦରମା ପାଇଲେ। ପ୍ରଧାନ ଶିକ୍ଷକ ଥିବାବେଳେ କଲିକତା ବିଶ୍ୱ ବିଦ୍ୟାଳୟ ଆଇନ କଲେଜରେ ପଢିଲେ। ସେ ସମୟରେ ସାର୍ ଆଶୁତୋଷ ମୁଖାର୍ଜୀଙ୍କର ଗୃହ ଶିକ୍ଷକ ଥିଲେ। ପରବର୍ତ୍ତୀ ସମୟରେ ଆଶୁତୋଷ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟର ଭାଇସ-ଚାନସେଲର ହୋଇଥିଲେ। ଶ୍ରୀ ମୁଖାର୍ଜୀ ସର୍ବଦା ମଧୁବାବୁଙ୍କୁ ତାଙ୍କର ବାଲ୍ୟଗୁରୁ ରୂପେ ସମ୍ବୋଧନ କରୁଥିଲେ।

ମଧୁବାବୁ କଲିକତା ହାଇକୋର୍ଟରେ କିଛି କାଳ ଓକିଲାତି କରି କଟକ ଚାଲିଆସିଲେ। ମଧୁବାବୁ ଏଠାରେ ଓକିଲାତି ଆରମ୍ଭ କଲାବେଳକୁ ସମସ୍ତ ପ୍ରତିଷ୍ଠିତ ଆଇନ ବ୍ୟବସାୟୀମାନେ ଥିଲେ ଓଡ଼ିଶା ବାହାରର ଲୋକ। ସେମାନେ ଏହି ତରୁଣ ଓକିଲଙ୍କୁ ନାନା ପ୍ରକାର ବ୍ୟଙ୍ଗ ବିଦ୍ରୂପ କଲେ। ସେ ପ୍ରଥମେ ଏକ ଗରିବ ଚାଷୀର ମୋକଦ୍ଦମା ହାତକୁ ନେଲେ। ଅନ୍ୟପକ୍ଷରେ ବାଦୀ ଥିଲେ ପୁରୀ ଏମାର ମଠର ମହନ୍ତ ମହାରାଜ। ସମସ୍ତ ଓକିଲ ମହନ୍ତ ମହାରାଜଙ୍କ ସପକ୍ଷରେ ଥିବାବେଳେ ଗରିବ ଚାଷୀ ପକ୍ଷରୁ ମଧୁବାବୁ ଲଢି ଜୟଯୁକ୍ତ ହେଲେ। ଫଳରେ ମଧୁବାବୁଙ୍କ ଖ୍ୟାତି ବଢିଗଲା। ସେ ବହୁ ବଡ଼ବଡ଼ ମକଦ୍ଦମାରେ ଜୟଯୁକ୍ତ ହୋଇଥିଲେ। ସେଥିମଧ୍ୟରୁ ଖଣ୍ଡପଡ଼ା ରାଜା ନଟବର ସିଂହ ମର୍ଦ୍ଦରାଜ, ପୁରୀ ରାଣୀ ସୂର୍ଯ୍ୟମଣି ପାଟମହାଦେଇ, କେନ୍ଦୁଝର ରାଜା, ଧନୁର୍ଜୟ ଭଂଜ ଓ ମାନସିଂହ ପାଟଣା ବାନା ଓ ରଙ୍ଗା ନାମରେ ଥିବା ଡ଼କାୟତି କେଶ୍ ଆଦିର ସଫଳତା ଯୋଗୁଁ ସେ ମଧୁ ବାରିଷ୍ଟର ରୂପେ ପରିଚିତ ହେଲେ। ସେ ଓକିଲାତି ପେଶାରେ ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ଦେଇ ଜୟଯୁକ୍ତ ହୋଇପାରୁଥିଲେ। ମଧୁବାବୁ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲେ। ସେ ୧୮୮୫ରୁ ୧୯୧୦ ମସିହା ପର୍ଯ୍ୟନ୍ତ ଭାରତର କଲିକତା, ମାନ୍ଦ୍ରାଜ, ଆହ୍ଲାବାଦ ପ୍ରଭୃତି ସ୍ଥାନରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଇଥିଲେ। ମାତ୍ର ଏହାଦ୍ୱାରା ଓଡ଼ିଆଭାଷୀ ବିଭିନ୍ନ ଅଂଚଳଗୁଡ଼ିକର ଏକତ୍ରୀକରଣ ହୋଇପାରିବ ନାହିଁ ବୋଲି ସେ ହୃଦୟଙ୍ଗମ କଲେ। ତେଣୁ ସେ କଂଗ୍ରେସ ପରିତ୍ୟାଗ କରି ଉତ୍କଳ ସମ୍ମିଳନୀ ଗଢିଲେ। ମଧୁବାବୁଙ୍କ ଉଦ୍ୟମରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ମୟୁରଭଂଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ‘ଉତ୍କଳ ସମ୍ମିଳନୀ’ ସବୁ ଓଡ଼ିଆ ଭାଷୀ ଲୋକଙ୍କର ଏକ ମିଳନ ପୀଠ ବୋଲି ଘୋଷଣା କଲେ। ସେତେବେଳକାଳର ଜାତୀୟବାଦୀ ଇଂରେଜ ଖବରକାଗଜ ‘ଅମୃତବଜାର’ ପତ୍ରିକାର ସମ୍ପାଦକ ମୋତିଲାଲ ଘୋଷ ଏ ସମ୍ମିଳନୀରେ ଯୋଗଦେଇଥିଲେ। “ଉତ୍କଳ ସମ୍ମିଳନୀ ପରି ଗଣଆନ୍ଦୋଳନ ଭାରତରେ ବିରଳ” ବୋଲି ସେ ମତ ଦେଇଥିଲେ। ମଧୁବାବୁ ୧୮୯୭ ଓ ୧୯୦୭ ଖ୍ରୀଷ୍ଟାବ୍ଦରେ ବିଲାତ ଯାଇଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଲକ୍ଷ୍ୟ ଥିଲା। ଉତ୍କଳ ସମ୍ମିଳନୀର ବାରମ୍ବାର ଦାବି ଫଳରେ ୧୯୩୧ ମସିହା ସେପ୍ଟେମ୍ବର ମାସ ୧୮ ତାରିଖରେ ଓଡ଼ନେଲ କମିଶନ ଗଠନ ହେଲା। ୧୯୩୩ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ଭାଷା ଭିତ୍ତିରେ ଓଡ଼ିଶା ଓ ସିନ୍ଧୁ ପ୍ରଦେଶ ଗଠନ ହେବା ଘୋଷଣା ହେଲା। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶଗଠିତ ହୋଇଥିଲେ ହେଁ ସେତେବେଳକୁ ମଧୁବାବୁ ଇହଜଗତରେ ନଥିଲେ।

ମଧୁବାବୁ ୧୯୧୩ ଜାନୁଆରୀ ୨୦ ତାରିଖରେ ବିହାର-ଓଡ଼ିଶା ରାଜ୍ୟ କାଉନସିଲର ସଦସ୍ୟ ଭାବେ ଶପଥ ନେଇଥିଲେ। ସେ ମଧ୍ୟ ୧୯୧୯ ମସିହାରେ ସ୍ୱାୟତ ଶାସନ ବିଭାଗର ମନ୍ତ୍ରୀଭାବେ ଦାୟିତ୍ୱ ନେଇଥିଲେ। ମନ୍ତ୍ରୀ ପଦ ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ୧୯୨୩ ଫେବୃଆରୀ ମାସ ୭ ତାରିଖରେ ଅବୈତନିକ ଭାବେ ମନ୍ତ୍ରୀ କାର୍ଯ୍ୟ ତୁଲାଇବାକୁ ଓ ଓକିଲାତି ଭାବେ ଜୀବିକା ନିର୍ବାହ କରିବାକୁ ମଧୁବାବୁ ବିହାର- ଓଡ଼ିଶା ଗଭର୍ଣ୍ଣର ସାର୍ ଏଚ. ହୁଇଲରଙ୍କୁ ପତ୍ର ଦେଲେ। କିନ୍ତୁ ଗଭର୍ଣ୍ଣର ଏ ପ୍ରସ୍ତାବ ଗ୍ରହଣ କଲେ ନାହିଁ। ଫଳରେ ଇସ୍ତଫା ଦେଲେ। ସେ ସମୟରେ ଭାରତରେ କୌଣସି ମନ୍ତ୍ରୀ ଯେ ଏକଥା ଚିନ୍ତା କରିପାରି ନ ଥିବେ, ଏଥିରେ ସନ୍ଦେହ ନାହିଁ। ମଧୁବାବୁ ମନ୍ତ୍ରୀପଦରୁ ଇସ୍ତଫା ଦେବା ପରେ ଗଭର୍ଣ୍ଣର ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ। ମଧୁବାବୁ ଭାରତୀୟ ପୋଷାକ ପିନ୍ଧିଯିବାକୁ ଚାହିଁଲେ। କିନ୍ତୁ ଗଭର୍ଣ୍ଣର ତାହାକୁ ଅନୁମତି ଦେଲେ ନାହିଁ। ମଧୁସୁଦନ ଲେଖିଲେ, “ଗୋଲାପର ଚାରିପାଖର ଘାସ ଗୋଲାପର ରଙ୍ଗ କିମ୍ବା ସୁବାସ ଗ୍ରହଣ କରେ ନାହିଁ। ତେଣୁ ବଡ଼ ଲୋକଙ୍କ ସଂସ୍ପର୍ଶରେ ଆସି ବଡ଼ ହେବା ପାଇଁ ମୁଁ କେବେ ଚେଷ୍ଟା କରିନାହିଁ।”

ମଧୁବାବୁ ଓଡ଼ିଶା ଆର୍ଟ ଓୟାରସ ବା ଉତ୍କଳ ସୂକ୍ଷ୍ମକଳାର ଏକ କାରଖାନା ଖୋଲିଥିଲେ। ସେ ମଧ୍ୟ ଉତ୍କଳ ଟ୍ୟାନେରୀ ନାମରେ ଏକ ଚମଡ଼ା ଶିଳ୍ପ କାରଖାନା ଖୋଲିଥିଲେ। ଦ୍ରବ୍ୟର ଗୁଣାତ୍ମକମାନ ଉପରେ ଗୁରୁତ୍ୱ ଦେଉଥିଲେ। ତାଙ୍କ ଉଦ୍ୟମ ଯୋଗୁଁ ଭାରତରେ ପ୍ରଥମ କରି ମହିଳାମାନେ ଆଇନ ବ୍ୟବସାୟ କରିବାର ଅଧିକାର ପାଇଲେ। ଓଡ଼ିଶା ଜାତିର ପୁନରୁଦ୍ଧାର ପାଇଁ ତାଙ୍କର ପ୍ରାଣ କାନ୍ଦୁଥିଲା। ସେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି-“ଏହି ସ୍ଥାନରେ ବଡ଼ଦେଉଳକୁ ଚାହଁ ଓ ଜାତିର ପୁନରୁଦ୍ଧାର କର-ଏହା ଆମ୍ଭମାନଙ୍କର ବୀଜମନ୍ତ୍ର ହେବା ଆବଶ୍ୟକ।” ମଧୁବାବୁ ଗୋପବନ୍ଧୁ ଦାସଙ୍କୁ ନିଜର ଉତ୍ତରାଧିକାରୀଭାବେ ମନୋନୀତ କରିଥିଲେ। ମାତ୍ର ମଧୁସୁଦନଙ୍କ ମୃତ୍ୟୁ ପୂର୍ବରୁ ଗୋପବନ୍ଧୁଙ୍କର ତିରୋଧାନ ହୋଇଥିଲା। ସେ ତେଣୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏ ଦାୟିତ୍ୱ ଦେବାପାଇଁ ସ୍ଥିର କରିଥିଲେ। ପଣ୍ଡିତ ନୀଳକଣ୍ଠ ମଧ୍ୟ ତାଙ୍କର ଶେଷ ଦର୍ଶନ ପାଇଁ କଟକ ଆସି ତାଙ୍କ ପାଖରେ ପହଞ୍ଚିଲେ। ଓଡ଼ିଶାବାସୀଙ୍କୁ ତାଙ୍କର କିଛି କହିବାର ଅଛି କି ବୋଲି ପଣ୍ଡିତ ନୀଳକଣ୍ଠ ପଚାରନ୍ତେ, ମଧୁବାବୁ ଉତ୍ତର ଦେଲେ- “ଓଡ଼ିଶାବାସୀ ତାଙ୍କର ଅନ୍ତର ନିର୍ମଳ ରଖିଥିବେ”। ସେ ପୁଣି କହିଥିଲେ- “ମୁଁ ତ ଯାଉଛି ମନେରଖିଥିବ ଜଣେ ଓଡ଼ିଆ ଥିଲା।” ତାହା ଥିଲା ତାଙ୍କର ଶେଷ କଥା। ୮୫ ବର୍ଷ ବୟସରେ ୧୯୩୪ ମସିହା ଫେବୃଆରୀ ମାସ ୩ ତାରିଖ ରାତି ୧ ଘଣ୍ଟା ୧୫ ମିନିଟ୍ ସମୟରେ ସେ ଶେଷନିଃଶ୍ୱାସ ତ୍ୟାଗ କଲେ। କଟକରୁ ପ୍ରକାଶିତ ଦୈନିକ ‘ସମାଜ’ରେ ପୁରା ପୃଷ୍ଠାରେ ପରଦିନ ବାହାରିଲା-“ଓଡ଼ିଶାର ମୁକୁଟବିହୀନ ସମ୍ରାଟ ଆଉ ନାହାନ୍ତି।” ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ସେଥିପାଇଁ କହିଛନ୍ତି-“ଜୀବନରେ ଯେପରି ମରଣରେ ମଧ୍ୟ ସେହିପରି। ମଧୁସୂଦନ ଯଥାର୍ଥରେ ଥିଲେ ଏକ ସମ୍ରାଟ”। ମଧୁବାବୁଙ୍କୁ ବାରମ୍ବାର ମନେପକାଇଲେ ବି ତାହା କମ୍ ହେବ। ପାଠ୍ୟପୁସ୍ତକମାନଙ୍କରେ ପ୍ରତ୍ୟେକ ଶ୍ରେଣୀ ପାଇଁ ତାଙ୍କ ସମ୍ବନ୍ଧୀୟ ଲେଖା ସ୍ଥାନ ପାଇବା ଆବଶ୍ୟକ। ତାଙ୍କର ଉକ୍ତି- ***“ଜାତି ଇତିହାସ ଜାତିର ନିର୍ଝର, ତହୁଁ ବହେ ସଦା ଜାତି ପ୍ରାଣଧାର, ସେ ଧାରାରୁ ନୀର ପିଉଛି ଯେ ନର, ନିଶ୍ଚୟ ହେବ ସେ ଜାତି କର୍ମବୀର”***, ଏହା ସଦା ସର୍ବଦା ଓଡ଼ିଆଙ୍କ ହୃଦୟରେ ଗୁଂଜରିତ ହେଉ।

**ସତ୍ୟବାଦୀ ବଳିଆରସିଂହ**, ସଭାପତି, ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ, ବକ୍ସି ଜଗବଂଧୁ ନଗର, ଖୋର୍ଦ୍ଧା, ଶୂନ୍ୟଭାଷ: ୯୨୩୭୦୮୯୫୦୯

# କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ବଢୁଛି, ପ୍ରଶାସନ ଦୃଢ ପଦକ୍ଷେପ ନେବାକୁ ଦାବୀ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ଏବେ ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। କେନ୍ଦୁଝର ସହରାଂଚଳ ଏବେ ସଙ୍କଟଜନକ ପରିସ୍ଥିତିରେ ପହଂଚିଥିବାବେଳେ ଜନସାଧାରଣ ନିଜେ ଅଧିକରୁ ଅଧିକ ସଚେତନ ହେବା ଆବଶ୍ୟକ ହୋଇପଡିଛି। ଚିହ୍ନଟ ୧୬୬ ଜଣଙ୍କୁ ମିଶାଇ ଜିଲ୍ଲାର ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦୪୩ ରେ ପହଂଚି ଥିବାବେଳେ ସେଥିମଧ୍ୟରୁ ୮୩୫୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ସାରିଲେଣି। ଗତ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ଜିଲ୍ଲାର ଆକ୍ଟିଭ କେଶ ସଂଖ୍ୟା ୬୮୬ ଥିବା ଜଣାପଡିଛି। ଚିହ୍ନଟ ହୋଇଥିବା ୧୬୬ଜଣଙ୍କ ମଧ୍ୟରୁ କେନ୍ଦୁଝର ସହରରୁ ୬୪ଜଣ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି। କେନ୍ଦୁଝର ରାଙ୍କିଠାରେ କୋଭିଡ ହସ୍‌ପିଟାଲ କାର୍ଯ୍ୟକ୍ଷମ ହେଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ୧୦୦ ବେଡ ବିଶିଷ୍ଟ ଏହି ହସ୍‌ପିଟାଲରେ ୨୪ଟି ଆଇସିୟୁ, ୧୨ଟି ଭେଣ୍ଟିଲେଟର, ଅକ୍ସିଜେନ ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହୋଇଛି। ତେବେ ଏହି ହସ୍‌ପିଟାଲ ବିଳମ୍ବରେ ଖୋଲାଯିବା ନେଇ ବିରୋଧିଦଳମାନେ ପ୍ରଶ୍ନ ଉଠାଇଛନ୍ତି। ୭ଦିନ ପୂର୍ବରୁ ଖୋଲା ଯାଇଥିଲେ ଉଚିତ ଚିକିତ୍ସା ନପାଇ ମୃତ୍ୟୁବରଣ କରିଥିବା ତଥା ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର ଚାଲି ଯାଇଥିବା ରୋଗୀମାନେ ଉପକୃତ ହୋଇପାରିଥାନ୍ତେ ବୋଲି ବିରୋଧିଦଳ ମୁଖ୍ୟ ସଚେତକ ମୋହନଚରଣ ମାଝୀ ଅଭିଯୋଗ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ତୁଳନାରେ ଚଳିତବର୍ଷ କରୋନା ସଂକ୍ରମଣ ବହୁଗୁଣା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇ ପଡିଛନ୍ତି। ବିଶେଷ କରି ଚିକିତ୍ସା ସୁବିଧା ନଥିବାରୁ ବହୁ ରୋଗୀଙ୍କୁ ଅନିଶ୍ଚିତତା ମଧ୍ୟରେ ଘରେ ରହି ଚିକିତ୍ସିତ ହେବାକୁ ପଡିଥିଲା। ଯେଉଁମାନଙ୍କ ପାଖରେ ଅର୍ଥ ଅଛି ସେମାନେ କଟକ, ଭୁବନେଶ୍ୱର ଯାଇ ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏହାଉପରେ ରୋକ ଲଗାଇବା ପାଇଁ ଅନ୍ୟୂନ ୭ ଦିନ ସଟ୍‌ଡାଉନ କରିବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି। ଏହାଦ୍ୱାରା କରୋନା ଚେନକୁ ଭାଙ୍ଗି ହେବ ବୋଲି ମତପ୍ରକାଶ ପାଇଛି। ଅବ୍ୟାବଧି ସଂକ୍ରମଣ ଦୃତ ବୃଦ୍ଧି ପାଇବାରେ ଲାଗିଥିଲେ ହେଁ ସମସ୍ତ କୋଭିଡ କେୟାର ସେଣ୍ଟର, ପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଅଦ୍ୟାବଧି ଖୋଲିପାରିନାହିଁ। ସେହିଭଳି ଯେଉଁଭଳି ଭାବରେ ରୋଗୀ ଗୁରୁତର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି, ସେହି ପରିସ୍ଥିତିରେ ମାତ୍ର ୧୦୦ ବେଡ ବିଶିଷ୍ଟ ମେଡିକାଲ କିପରି ଆବଶ୍ୟକତା ପୂରଣ କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହାଛଡା ସ୍ୱାବ ପରୀକ୍ଷା କମ ସଂଖ୍ୟାରେ କରାଯାଉଥିବାରୁ ରୋଗୀ ଚିହ୍ନଟ ବିଳମ୍ବ ହେଉଛି। ସେହିପରି ସ୍ୱାବ ପରୀକ୍ଷା ପାଇଁ କଟକ ଯାଉଥିବା ସ୍ୱାବ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ବହୁ ରୋଗୀଙ୍କ ବିଳମ୍ବରେ ଚିକିତ୍ସା ହେଉଥିବାରୁ ସେମାନେ ଗୁରୁତର ହୋଇପଡୁଛନ୍ତି। ଗତ ୨୦ ତାରିଖ ଦିନ କେନ୍ଦୁଝର ବଡହଳର ପ୍ରବୀଣ ତ୍ରିପାଠୀ ନାମକ ଜଣେ ୪୦ ବର୍ଷ ଯୁବକର କରୋନାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କରୋନାରେ ଆକ୍ରାନ୍ତ ହୋଇ ବହୁ ରୋଗୀଙ୍କ ମୃତ୍ୟୁ ହେଉଥିଲେ ହେଁ ମୃତ୍ୟୁର କାରଣ ଅଲଗା ଦର୍ଶାଇ ପ୍ରଶାସନ ପକ୍ଷରୁ ମାତ୍ର ତିନିଜଣ ଦର୍ଶାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

# ଗରାପୁର ହନୁମାନଜୀଉ ମନ୍ଦିରରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଶ୍ରୀ ଶ୍ରୀ ହନୁମାନଜୀଉ ମନ୍ଦିର ଆଶ୍ରମ ପରିସରରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଓ ଶ୍ରୀରାମ ସ୍ମରଣେ ସ୍ମରଣିକା ଉନ୍ମୋଚନ ଉତ୍ସବ କୋଭିଡ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ମାନବୀୟ ଲୀଳା ଓ ବିଂଶ ଶତାବ୍ଦିର ମହାନ ସନ୍ଥ ସଦଗୁରୁ ବାବା ବୈକୁଣ୍ଠନାଥଙ୍କ ଜୀବନାଦର୍ଶ ଉପରେ ପ୍ରକାଶିତ ସ୍ମରଣିକା “ଶ୍ରୀରାମ ସ୍ମରଣେ” ଉପସ୍ଥିତ ସାଧୁସନ୍ଥ, ଅତିଥି ଓ ଆଶ୍ରିତ ଭକ୍ତମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତିର ସଭାପତି ବାବାଜୀ ଚେତନାନନ୍ଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ଉପାଧକ୍ଷ ସ୍ନେହଲତା ପ୍ରଧାନ, କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିବା ବେଳେ ଆଶ୍ରମର ସହପରିଚାଳକ ଶ୍ରଦ୍ଧାନନ୍ଦ ଦାସ, ବାବାଜୀ ସତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ବାଣୀ ଓ ବାବା ବୈକୁଣ୍ଠନାଥଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ନଳିନୀକାନ୍ତ ମହାନ୍ତି, ସେବକ ପୁରସ୍ତମ ଗେରୁ, ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ସହସମ୍ପାଦକ କେଶବ ସେଠୀ, ସମ୍ପାଦନା ମଣ୍ଡଳୀ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ଆବାହକ ଓ ଉପଦେଷ୍ଟା ଦେବାଶିଷ ଜଗତି, ପତ୍ରିକା ସମ୍ପାଦକ ଅରକ୍ଷିତ ରାଉତ, ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଅଜୟ କୁମାର ପାତ୍ର, ନୃସିଂହ ଚରଣ ଆଚାର୍ଯ୍ୟ, କୋଷାଧକ୍ଷ ମଧୁସୁଦନ ସାହୁ, ରମାକାନ୍ତ ବିହାରୀ, ଦିଲ୍ଲିପ କୁମାର ସାହୁ, ଅକ୍ଷୟ କୁମାର ଦାସ, ରାଜକିଶୋର ବିଶ୍ୱାଳ, ସୁରେଶ ଚନ୍ଦ୍ର ରାଉତ, ବଳରାମ ନାୟକ, ଗୋବିନ୍ଦ ଚନ୍ଦ୍ର ନାଥ, ସୀତାନାଥ ମିଶ୍ର, ସରୋଜକାନ୍ତ ସାହୁ, ପ୍ରମୋଦ କୁମାର ପ୍ରଧାନ, ଧରଣୀଧର ଦାସ, ପରମାନନ୍ଦ ସାହୁ, ଗୋପିନାଥ ସାହୁ, ରଜତ କୁମାର ସାହୁ, ଗୋପିନାଥ ସାହୁ, କରୁଣାକର ସାହୁ, ଜଗନ୍ନାଥ ବେହେରା, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଡଃ.ସୁବାଷ ଚନ୍ଦ୍ର ମହାପାତ୍ର, ଗଣେଶ୍ୱର ସାହୁ, ପ୍ରଦୀପ କୁମାର ଦାଶ,ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଶ୍ରଦ୍ଧାଳୁ ଓ ଭକ୍ତମାନେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଭଜନକୀର୍ତ୍ତନ କରିଥିଲେ। ଗତ ୧୩ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜିର ଉଦଯାପନି ଦିବସ ପ୍ରାତଃରୁ ଶଙ୍ଖଧ୍ୱନି ସହ ସମୁହ ପ୍ରାର୍ଥନା, ମଙ୍ଗଳ ଆରତୀ, ଶ୍ରୀ ଶ୍ରୀ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ସୁସଜ୍ଜିତ ଶ୍ରୀବିଗ୍ରହ ସହ ନଗର କୀର୍ତ୍ତନ, ଶ୍ରୀରାମ ଚରିତ ମାନସ ପାରାୟଣ ଓ ହୋମଯଜ୍ଞ ଏବଂ ସନ୍ଧ୍ୟାରେ ଶ୍ରୀରାମ କଥା ପ୍ରବଚନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ଧରିତ୍ରୀ ଦିବସ: ତତଲା ତାୱାରେ ପୃଥିବୀ




ଭୁବନେଶ୍ୱର (ପିଏନ୍): ଧରିତ୍ରୀ ମା’କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୨ ତାରିଖରେ ‘ବିଶ୍ୱ ଧରିତ୍ରୀ ଦିବସ’ ପାଳିତ ହୋଇଥାଏ। ସଙ୍କଟମୁହାଁ ଗତି କରୁଥିବା ପୃଥିବୀର ସୁରକ୍ଷା ଲାଗି ସମଗ୍ର ବିଶ୍ୱ ଏହି ଦିବସଟିକୁ ପାଳନ କରିଥା’ନ୍ତି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟନଗରୀ ଭୁବନେଶ୍ୱରର ପୋଖରୀପୁଟରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବା ସହ ଜନସଚେତନତା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି। ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ତତଲା ତାୱା ଓ ପୃଥିବୀ। ଏଥିରେ ଦର୍ଶାଇଛନ୍ତି ସମ୍ପ୍ରତି ତତଲା ତାୱାରେ ଭାଜି ହେଉଛି ପୃଥିବୀ। ଯାହା ବର୍ତ୍ତମାନ ପୃଥିବୀର ଅବସ୍ଥା ସମ୍ପର୍କରେ ପ୍ରମାଣିତ କରୁଛି। ଧୀରେ ଧୀରେ ପୃଥିବୀ ଗ୍ଲୋବାଲ ୱାର୍ମିଂରୁ ଗ୍ଲୋବାଲ ବର୍ଣ୍ଣିଂ ଆଡ଼କୁ ମୁହାଁଉଛି। ଯାହା ଜୀବଜଗତ ପାଇଁ ଏକ ଭୟାନକ ବିପତ୍ତି। ଯେପରି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ମଣିଷର ଅମାନୁଷିକ କାର୍ଯ୍ୟକଳାପ, ଦ୍ରୁତ ଜନସଂଖ୍ୟା ବୃଦ୍ଧି, ସହରୀକରଣ, ବଡ଼ ବଡ଼ ଗଛ କାଟି ରାସ୍ତା ପ୍ରଶସ୍ତିକରଣ, ଜଙ୍ଗଲ ସଫା କରି ଖଣିଖାଦାନ ଖୋଳିବା, ଜଳାଶୟକୁ ପୋତି ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ତିଆରି କରିବା ଇତ୍ୟାଦି କାର୍ଯ୍ୟ ପରିବେଶ ପାଇଁ ସଙ୍କଟ ସାଜିଛି। ଯଦ୍ଦ୍ୱାରା ଜୀବଜଗତ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ। ଛଅ ଋତୁ ଆଜି ସାତ ସପନ। ଶ୍ରାବଣରେ ବୈଶାଖୀର ତାତି। ଆଜି ତିତିଲି, କାଲି ଫନି, ହୁଦ୍‌ହୁଦ୍, ଫାଇଲିନ୍ ପରି ସାମୁଦ୍ରିକ ଝଡ଼କୁ ସାମ୍ନା କରିବାକୁ ପଡୁଛି। ଏତଦ୍ ସହ ବାୟୁମଣ୍ଡଳରେ ଗ୍ରୀନ୍‌ହାଉସ ଗ୍ୟାସ୍ ବଢିବା ଫଳରେ ଭୂପୃଷ୍ଠ, ବାୟୁମଣ୍ଡଳ, ସାଗର, ମହାସାଗର ସବୁ ତାତିଗଲାଣି। କହିବାକୁ ଗଲେ ମେରୁ, ତରୁ, ମରୁ ସବୁ ତାତିଗଲାଣି। ପ୍ରତି ମୁହୂର୍ତ୍ତରେ ବାଜୁଛି ପ୍ରକୃତିର ସତର୍କ ଘଣ୍ଟି। ଜଳବାୟୁର ଜ୍ୱାଳାରୁ ମୁକ୍ତି ପାଇଁ ସାରା ବିଶ୍ୱ ଚିନ୍ତିତ। ଶ୍ରୀ ସାହୁ ଏହି ମର୍ମରେ କହିଛନ୍ତି ଧୀରେଧୀରେ ଉତ୍ତପ୍ତ ପରିବେଶ ଯୋଗୁଁ ଏବେଠୁ ଆମେ ତ୍ରାହି ତ୍ରାହି ଡାକିଲେଣି। ଆଗକୁ ପୁଣି ଅଛି। ବେଳ ଥାଉ ଥାଉ ଯଦି ବନ୍ଧ ନ ବାନ୍ଧିବା, ତେବେ ସର୍ବନାଶୀ କରାଳ ଗ୍ରାସରେ ଆମେ ବିଲୀନ ହେବା ସୁନିଶ୍ଚିତ। ପରିବେଶର ସୁରକ୍ଷା ଦିଗରେ ପ୍ରତିସ୍ତରରେ ପ୍ରତିଟି ମଣିଷ ସଚେତନ ହୋଇ ଧରିତ୍ରୀ ମା’ର ସୁରକ୍ଷା ପାଇଁ ଉଦ୍ୟମ ଓ ପ୍ରୟାସ ଜାରି ରଖିବା ନିତାନ୍ତ ଜରୁରୀ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ନଗର କଂଗ୍ରେସ କମିଟିର ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଧୂପ ଓ ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଓଡ଼ିଶାର ବିକାଶ କ୍ଷେତ୍ରରେ ଅବଦାନ ଓ ରାଜନୈତିକ ବିଚକ୍ଷଣତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଶ୍ରାଦ୍ଧୋତ୍ସବରେ ପୂର୍ବତନ ପୌରାଧ୍ୟକ୍ଷ ରାଜୀବ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଂଗ୍ରାମ ସାହାଣୀ, ପୂର୍ବତନ ଜୋନ୍ ସଭାପତି ମାନସରଞ୍ଜନ ପଣ୍ଡା, ଆଇନ ସେଲ୍ ସଭାପତି ନିତାଇ ଚାନ୍ଦ ମହାନ୍ତି, ଅଧିକାରୀ ନବକିଶୋର ଦାସ, ବିଦ୍ୟାଧର ଜେନା, ଗୋବିନ୍ଦଚନ୍ଦ୍ର ସାହୁ, ରଘୁନାଥ ସାହୁ ଓ ବିଜୟ ମହାପାତ୍ର ପ୍ରମୁଖ ସ୍ୱର୍ଗତଃ ପଟ୍ଟନାୟକଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କଲେ ରାଜ୍ୟ ବିଜେଡି ଉପସଭାପତି ରାଜା ଚକ୍ର



କେନ୍ଦୁଝର (ପିଏନ୍): ରାଜ୍ୟ ବିଜେଡି ଦଳର ଉପସଭାପତି ସୌମ୍ୟ ଶଙ୍କର ଚକ୍ର (ରାଜା ଚକ୍ର) ନିଜ ଜନ୍ମଦିନ କେନ୍ଦୁଝରସ୍ଥିତ ଗୋବିନ୍ଦପୁର ଠାରେ ଥିବା ଆଦୃତ ଅନାଥାଶ୍ରମର ଛୋଟ ଛୋଟ ପିଲାଙ୍କ ସହ ପାଳନ କରିଛନ୍ତି। କରୋନା କଟକଣା ହେତୁ ପିଲାଙ୍କ ପାଠପଢାରେ ଅବହେଳାକୁ ଉପଲବ୍ଧି କରି ପିଲାମାନଙ୍କୁ ପୁସ୍ତକ ଓ ପାଠ୍ୟ ଉପକରଣ ପ୍ରଦାନ କରି ଆଶ୍ରମରେ ରହି ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ସେହିପରି କେନ୍ଦୁଝର ବସ୍‌ଷ୍ଟାଣ୍ଡ ପାଖ ବସ୍ତିର ମହିଳାମାନଙ୍କୁ ଶାଢୀ ପ୍ରଦାନ କରିବା ସହ ବଢୁଥିବା କରୋନା ସଂକ୍ରମଣକୁ ଲକ୍ଷ୍ୟ କରି ସ୍ୱୟଂସେବକ ଗୋଷ୍ଠୀର ମହିଳାମାନଙ୍କୁ ଘରୋଇ ଉପକରଣ ନିର୍ମାଣ ତଥା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ଚକ୍ର କହିଥିଲେ। ଏହି ନିରାଡମ୍ବର ଜନ୍ମଦିନ ପାଳନକୁ ସ୍ଥାନୀୟ ଅଂଚଳର ଜନସାଧାରଣ ପ୍ରଶଂସା କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଜୁଲାଇ ୧୨

# ଓଡ଼ିଶାରେ ଭାଜପାର ଗତି କୁଆଡ଼େ

ଦେଶର ପ୍ରାୟ ୩୦ ଭାଗ ଖଣିଜ ସଂପଦ ଓଡ଼ିଶାରେ ରହିଛି। ଖଣିଜ ସଂପଦ ପାଇଁ ଆମ ଦେଶ ଓ ବିଦେଶ ଆମ ରାଜ୍ୟ ଉପରେ ନିର୍ଭର କରନ୍ତି। ଓଡ଼ିଶାରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱ ବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ୍‌ଲେ କଇଁଛ ମାନଙ୍କ ଏନ୍ତୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ସେହିପରି ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଦାରିଦ୍ର୍ୟର ଉତ୍ପାତ ବେଶୀ। ଅଧିକାଂଶ ଶିଶୁ ପୃଷ୍ଟିହୀନତାର ଶିକାର। ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ ଇତ୍ୟାଦି। ନବୀନ ବାବୁ ୫ ଥର ମୁଖ୍ୟମନ୍ତ୍ରୀ ଆସନରେ ବସି ଲଗାତାର ୨୦ରୁ ଅଧିକ ବର୍ଷ ଧରି ଓଡ଼ିଶା ଶାସନ କରି ଆସୁଛନ୍ତି। ହେଲେ ଏହି ଲମ୍ବା ସମୟ ମଧ୍ୟରେ ଓଡ଼ିଶାରେ ସେଭଳି କିଛି ବିକାଶ ହୋଇନଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟର ବିକାଶ ଆଗେଇ ପାରୁନାହିଁ। ଓଡ଼ିଶାର ଗରିବ ଲୋକମାନଙ୍କର ଜୀବନ ଯନ୍ତ୍ରଣାକୁ ପ୍ରଶାସନ ହୁଏତ ବୁଝି ପାରୁନାହିଁ। ଗରିବ ଲୋକର ଉନ୍ନତି ପାଇଁ ସେମିତି କିଛି ସଶକ୍ତ ଯୋଜନା କରାଯାଉ ନାହିଁ କି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ଠିକ୍ ଭାବେ ଲୋକଙ୍କ ପାଖରେ ପହଂଚାଉ ନଥିବା ବାରମ୍ବାର ଅଭିଯୋଗ ହେଉଛି। ଖଣି, ପାଣି, କୋଇଲା ମହାଦୁର୍ନୀତି ଓ ଚିଟଫଣ୍ଡ ଠକେଇ, ଦାନ ମାଝୀ, ନଗଡ଼ା, ମାଲକାନଗିରି ଓ କଟକ ଶିଶୁ ମୃତ୍ୟୁ ଘଟଣା ଓଡ଼ିଶାର ଭାବମୂର୍ତିରେ ଆଂଚ ଆଣିଥିବା କୁହାଯାଇପାରେ। ଓଡ଼ିଶାର ବିକାଶ କେମିତି ଚାଲିଛି, ଏସବୁ ତା'ର ଉଦାହରଣ ମାତ୍ର। ୭ ବର୍ଷ ତଳେ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରୀୟ ଶାସନ ଦାୟିତ୍ୱ ନେବା ପରଠାରୁ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଦୃଷ୍ଟି ଦେବା ଆରମ୍ଭ କରିଥିଲେ। ଉପା ସରକାର ତୁଳନାରେ ମୋଦିଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଅନେକ ଗୁଣ ଅନୁଦାନ ଦେଉଛନ୍ତି ଓଡ଼ିଶାକୁ। ମୋଦି ସରକାର ଆସିବା ପରେ ଓଡ଼ିଶାର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଆସୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନ ଦୟାଲ୍ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା, ମନରେଗା ଯୋଜନା, ଶ୍ୟାମା ପ୍ରସାଦ ମୁଖାର୍ଜୀ ମିସନ୍, ଉଜ୍ଜ୍ୱଳ ଯୋଜନା, ଗ୍ରାମାଂଚଳରେ ବିଜୁଳି ସଂଯୋଗ, ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଆଦିରେ ପର୍ଯ୍ୟାପ୍ତ ଅନୁଦାନ ଆସିଛି। ୬୦% ରୁ ଅଧିକ ଗାଁରେ ଶୌଚାଳୟ ନିର୍ମିତ ହୋଇଛି। କୋଇଲା ବଂଟନ କ୍ଷେତ୍ରରେ ନିୟମ ପରିବର୍ତନ ଯୋଗୁ ରାଜ୍ୟକୁ ବହୁ ଅଧିକ ରାଜସ୍ୱ ମିଳିବାର ସୁଯୋଗ ସୃଷ୍ଟି ହୋଇଛି। ବ୍ରହ୍ମପୁରରେ ଆଇଜର ଓ ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏମ୍‌ସିଏଲ୍ ଦ୍ୱାରା ତାଳଚେର ଓ ଏନ୍‌ଟିପିସି ଦ୍ୱାରା ସୁନ୍ଦରଗଡ଼ରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ହେବ। ଓଡ଼ିଶାରୁ ବିଜେପିର ୮ଜଣ ଲୋକସଭାକୁ ଯାଇଛନ୍ତି। ୨ଜଣ ଓଡ଼ିଆ କେନ୍ଦ୍ରୀୟ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନ(ମଧ୍ୟ ପ୍ରଦେଶରୁ ରାଜ୍ୟସଭା ସଦସ୍ୟ) କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଥିବାବେଳେ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରମନ୍ତ୍ରୀ ପଦ ପାଇଛନ୍ତି। ଏହା ମଧ୍ୟ ଓଡ଼ିଶାରେ ଭାଜପାର ସ୍ଥିତିକୁ ମଜଭୁତ କରିବାରେ ସହାୟକ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦେଶବାସୀଙ୍କୁ ମୁଗ୍ଧ କରିଛି। ତେବେ ମୋଦିଙ୍କ ହାୱା ସତ୍ତ୍ୱେ ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି କାହିଁକି ବିଫଳ ହେଲା, ସେଥିନେଇ ବିଜେପି ସମର୍ଥକ ମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବିଜେପି ଅନେକ ବିକାଶ ମୂଳକ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତା ମାନେ ପ୍ରତ୍ୟାଖାନ କରୁଛନ୍ତି କାହିଁକି ? ତେବେ ଭୋଟ୍ ପରିଚାଳନାଗତ ତୃଟି ଯୋଗୁ ଯୁବ ଗୋଷ୍ଠୀର ଭୋଟ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା ବୋଲି ରାଜନୀତିକ ସମୀକ୍ଷକ ମାନେ ମତ ଦେଇଥିଲେ। ନିର୍ବାଚନ ପୂର୍ବରୁ ବିଜେପି ଦଳ ଓ ବିଜେପି ସରକାରଙ୍କ ଦ୍ୱାରା କୋଟିକୋଟି ଟଙ୍କାର ବିଜ୍ଞାପନ ଦିଆଯାଇ ମତଦାତାଙ୍କୁ ବିଜେପି ପ୍ରତି ଆକର୍ଷିତ ପାଇଁ ଚେଷ୍ଟା କରାଯାଇଥିଲା ? ସେ ଯାହାହେଉ ଓଡ଼ିଶାରେ ବିଜେପିର ନିର୍ବାଚନ ନେତୃତ୍ୱ ନେଉଥିବା ନେତାମାନେ ସଫଳ ହୋଇ ପାରିନଥିଲେ। ରାଜନୀତିକ ଜ୍ଞାନରେ ନିପୁଣ ଓ ଲୋକପ୍ରିୟ ନେତାମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବାର ଆବଶ୍ୟକତା ଥିଲା ବୋଲି ରାଜନୀତିକ ବିଶେଷଜ୍ଞ ମାନେ ମତ ଦେଇଥିଲେ। ୨୦୧୯ ମସିହା ମଇ ୩୦ ତାରିଖରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସଂସଦର ପ୍ରଥମ ଅଧିବେସନ ବେଳେ ଧନ୍ୟବାଦ୍ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କେତେକ ବିଜୟୀ ସାଂସଦ ଧନ୍ୟବାଦ୍ ପ୍ରସ୍ତାବ ଉପରେ ନିଜର ଭାଷଣ ଦେଲେ। ଯେତେବେଳେ ଓଡ଼ିଶାର ନବ ନିର୍ବାଚିତ ସାଂସଦ ପ୍ରତାପ ଷଡ଼ଙ୍ଗୀ(ନନା) ନିଜର ଅଭିଭାଷଣ ପାଇଁ ମଂଚକୁ ଆସିଲେ, ଉପସ୍ଥିତ ନେତାମାନେ ଏପରିକି ଓଡ଼ିଶାର ଅଧିକାଂଶ ଲୋକେ ମଧ୍ୟ ତାଙ୍କର ଭାଷଣ ପ୍ରତିଭା ସଂପର୍କରେ ଜାଣିନଥିଲେ। ମାତ୍ର ତାଙ୍କର ଇଂରାଜୀ, ହିନ୍ଦି, ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ଭଳି ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ସମସ୍ତଙ୍କୁ ଅଭିଭୂତ କରି ଦେଇଥିଲା। ସେ ନିଜ ଭାଷଣରେ ଏପରି ପ୍ରସଙ୍ଗ ଉଠାଇଥିଲେ, ଯାହା ଶୁଣି ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଉପସ୍ଥିତ ସମସ୍ତେ ଅତ୍ୟନ୍ତ ଖୁସି ହୋଇଥିଲେ। ବାସ୍ତବରେ କେବଳ ସେ ଜଣେ ସଫଳ ରାଜନେତା କି ସୁସଂଗଠକ ନୁହନ୍ତି, ବରଂ ସେ ପ୍ରବଚନ ଜଗତ ପାଇଁ ଜଣେ ଜ୍ଞାନୀ ଓ ଧୂରୀଣ ବ୍ୟକ୍ତି ବୋଲି ଜଣା ପଡ଼ିଥିଲା। ସବୁବେଳେ ନନା ଲାଗନ୍ତି ନିର୍ଲିପ୍ତ ସନ୍ୟାସୀଟିଏ ଭଳି ! ହୁଏତ ସେ ଜୀବନର ଆରମ୍ଭରୁ ବୁଝିଛନ୍ତି ମଣିଷ ଜନ୍ମ ଓ ଜୀବନର ବାସ୍ତବ ଉଦ୍ଦେଶ୍ୟ, ମଣିଷ ଭିତରର ଭାବ-ଅଭାବ ଏବଂ ଆବଶ୍ୟକତାକୁ ! ଜଣାପଡ଼ନ୍ତି ଯେମିତ ସେ ଲୋଭ, ମୋହ, ମାୟା, ବିଳାସର ବହୁ ଉର୍ଦ୍ଧ୍ୱରେ ! ସ୍ଥିତପ୍ରଜ୍ଞ ସାଧୁଟିଏ ଭଳି ! ସାଧାରଣ ଲୋକଙ୍କ ସହିତ ନନାଙ୍କର ସାକ୍ଷାତ ସମୟର ଦୃଶ୍ୟ ସ୍ୱଚକ୍ଷୁରେ ଦେଖିଲେ, ଜାଣି ହେବ ଜଣେ ନେତା ଓ ସାଧାରଣ ମଣିଷ ଭିତରର ବାସ୍ତବ ସଂପର୍କର ରହସ୍ୟକୁ !


ଶରତ କୁମାର ରାଉତ

୨୦୧୯ ସାଧାରଣ ନିର୍ବାଚନ ସରିବା ପରଠାରୁ ଓଡ଼ିଶାରେ ଭାଜପାର ସ୍ଥିତି ଦୁର୍ବଳ ହୋଇ ଚାଲିଛି। ରାଜ୍ୟ ଭାଜପା ପୂର୍ବ ଭଳି ଲୋକଙ୍କ ପାଖରେ ପହଞ୍ଚୁଥିବା ଦେଖା ଯାଉନାହିଁ। ରାଜ୍ୟର ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଦିଗରେ ରାଜ୍ୟ ଭାଜପା କୌଣସି ଆଖିଦୃଶିଆ କାମ କରୁଥିବା ଦେଖିବାକୁ ମିଳୁନାହିଁ। ଭାଜପା କେବଳ ଭୋଟ ସମୟରେ ହିଁ ଗାଁ ଲୋକଙ୍କ ପାଖରେ ପହଞ୍ଚିଥାଏ ବୋଲି କୁହାଯାଉଛି। ଓଡ଼ିଶାରେ ବିଜେପି ଶାସନ ଗାଦିକୁ ଆସିବାକୁ ହେଲେ, ପ୍ରତାପ ଷଡ଼ଙ୍ଗୀଙ୍କ ଭଳି ରାଜନୀତିକ ଜ୍ଞନରେ ନିପୁଣ ତଥା ଦୃଢ ନେତୃତ୍ୱର ଆବଶ୍ୟକତା ରହିଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଅନ୍ୟଥା ଓଡ଼ିଶାରେ ବିଜେପି ଡ଼ଙ୍ଗା ବୁଡ଼ି ନଯାଉ ବୋଲି ଚର୍ଚ୍ଚା ହୋଇ ଆସୁଛି। ଓଡ଼ିଶାରେ ବିଜେପିର ଦୃଢ ନେତୃତ୍ୱ ଅଭାବରୁ ଦଳ ମଜଭୁତ ହୋଇ ପାରୁନଥିବା ଚର୍ଚ୍ଚା ହେଉଛି। ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରତାପ ନନା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନେଲେଣି। ହୁଏତ ଆଜି ପର୍ଯ୍ୟନ୍ତ ଜାତୀୟ ରାଜନୀତିରେ ପରିଚିତ ଅଳ୍ପ କେତେଜଣ ଓଡ଼ିଆଙ୍କ ଭିତରେ ପ୍ରତାପ ନନା ଅନ୍ୟତମ। ସେହିପରି ଦଳୀୟ ସଭାପତି ସମୀର ମହାନ୍ତିଙ୍କ ଭଳି ବିଜେପିର କେତେକ ଆଗ ଧାଡ଼ିର ତୁଙ୍ଗ ନେତା ମଧ୍ୟ ନିଜର ପ୍ରଚଣ୍ଡ ରାଜନୀତିକ କରିସ୍ମା ବଳରେ ସାଧାରଣ ଲୋକଙ୍କ ନିକଟତର ହେବାରେ ଲାଗିଛନ୍ତି। ଦଳୀୟ ନେତା ମାନଙ୍କର ନିଷ୍ଠାପର କାର୍ଯ୍ୟ ରାଜ୍ୟରେ ବିଜେପି ସଂଗଠନକୁ ମଜଭୁତ କରାଇବାରେ ନିଶ୍ଚୟ ସହାୟକ ହେବ। ଉଦ୍ୟମ କଲେ ହୁଏତ ଆସନ୍ତା ନିର୍ବାଚନରେ ସାରା ଓଡ଼ିଶାକୁ ପଦ୍ମରେ ସଜେଇ ଭାଜପା ଇତିହାସ ରଚିବା ଅସମ୍ଭବ ନୁହେଁ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର,
ମୋ: ୯୩୩୭୩୬୯୪୪୮

# ଗଡିବ ରଥ ନଥିବେ ଭକ୍ତ

ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟ ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୁଏ। ରଥଯାତ୍ରାର ପୂର୍ବ ଦିନ ପ୍ରତିପଦା ତିଥିରେ ତିନି ରଥରେ କ୍ରମାନ୍ୱୟରେ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥାଏ। ସିଂହଦ୍ୱାର ସମ୍ମୁଖରେ ତିନି ରଥ ଗୋଟିଏ ଧାଡିରେ ଦକ୍ଷିଣରେ ବଳଭଦ୍ରଙ୍କ ରଥ, ମଝିରେ ଦେବୀ ସୁଭଦ୍ରାଙ୍କ ରଥ ଓ ଉତରକୁ ଶ୍ରୀ ଜଗନ୍ନାଥଙ୍କ ରଥ ଏହି କ୍ରମରେ ରଖାଯାଇଥାଏ। ରଥ ଉପରକୁ ଚଢିବା ପାଇଁ ତିନି ରଥରେ ତାଳ ଗଣ୍ଡିରେ ଚାରମାଳ ବନ୍ଧା ହୋଇଥାଏ। ଏଣେ ଶ୍ରମନ୍ଦିର ଭିତରେ ପ୍ରତିପଦା ରାତ୍ରିରେ ବଡ ସିଙ୍ଗାର ବେଶ ପରେ ଭୋଗ ହୋଇ ପହଡ, ଆଳତି ପରେ ଶ୍ରୀମୁଖ ଖଣ୍ଡୁଆ ପଡି ଚତୁର୍ଦ୍ଧା ମୂର୍ତୀ ଶ୍ରୀ ଜଗନ୍ନାଥଙ୍କ ପ୍ରତୀକ ମହୋତ୍ସବ କରାଯାଇ ବାହୁଟି କଂଟ ଓ ସେନାପଟା ଲାଗି ହୋଇଥାଏ। ଏହି ଦୁଇ ନୀତି ଦଇତା ପତିମାନେ ସମ୍ପାଦନା କରିଥାନ୍ତି। ପରଦିନ ଚତୁର୍ଦ୍ଧାମୂର୍ତୀ ଜଗନ୍ନାଥଙ୍କୁ ପହଣ୍ଡି କରାଇ ନେବାରେ ସୁବିଧା ହେବା ଉଦ୍ଦେଶ୍ୟରେ ଏହିପରି ପ୍ରସ୍ତୁତି ପରେ ଦ୍ୱିତୀୟ ଦିନ ସକାଳୁ ରଥଯାତ୍ରାରେ କାର୍ଯ୍ୟକ୍ରମ ଆରମ୍ଭ ହୁଏ।କିନ୍ତୁ କରୋନା ଭଳି ମହାମାରି ସଙ୍କଟ ସମୟରେ ଯଦିଓ ରଥ ଚକ ଗଡିବ କିନ୍ତୁ ଦୁଃଖର ବିଷୟ କରୋନା କଟକଣା ଯୋଗୁଁ ନଥିବେ ଭକ୍ତ ଅର୍ଥାତ୍ ଭକ୍ତ ରଥ ଟାଣିବେ ନାହିଁ। କେବଳ ସେବାୟତ ଏବଂ ପୋଲିସ୍ ସହାୟତାରେ ରଥ ଟଣା ଯିବା ସିମିତ ଯେଉଁ କୋଭିଡ-୧୯ ଟେଷ୍ଟରେ ପଜିଟିଭ ଥିବ ଆରଟିପିସିଆରରେ ୪୮ ଘଂଟା ପୂର୍ବରୁ ଟେଷ୍ଟ୍ କରାଯାଇଥିବା ଦରକାର। ଏପରି କଟକଣାରେ ରଥ ଟଣା ହେବ। ଭକ୍ତ ବି ସେଇଆ ଚାହୁଁଛନ୍ତି, ଟଣା ଯାଉ ରଥ, ଆମେ ନଥିଲେ କଣ ହେଲା ? ଆମେ ଘରେ ବସି ଟିଭିରେ ରଥଯାତ୍ରା ଦେଖିବୁ ପଛେ, ରଥଯାତ୍ରା ଅନୁଷ୍ଠିତ ହେଉ। ଭକ୍ତଙ୍କର ଭାବାବେଗକୁ ଲକ୍ଷ୍ୟ କରି ସରକାର ମଧ ନିଷ୍ପତି ନେଲେ କେବଳ ସେବାୟତଙ୍କୁ ନେଇ ରଥଯାତ୍ରା ହେବ। ନଥିବେ ଭକ୍ତ। ଗଡିବ ରଥ। ଚତୁର୍ଦ୍ଧାମୂର୍ତୀ ଯିବେ ଜନ୍ମ ବେଦୀକୁ ରଥରେ ଶୋଭା ଶ୍ରୀ ଜଗନ୍ନାଥ। ରଥ-ପଥ-ଜଗନ୍ନାଥ। ଏହାର ସୁସମାହାର, ବିଶ୍ୱ ବ୍ରହ୍ମାଣ୍ଡକୁ ସୁଚାଇ ଦିଏ ଏକ ପରମର ସତ୍ୟ ସମ୍ବନ୍ଧରେ। ଓଡ଼ିଆ ଜାତିପାଇଁ ସମସ୍ତ ସନାତନ ଧର୍ମାବଲମ୍ବୀ ମାନଙ୍କ ପାଇଁ ଏବଂ ବୈଷ୍ଣବ ଧର୍ମରେ ଅନୁପ୍ରାଣୀତ ବିଶ୍ୱର କୋଣ ଅନୁକୋଣରେ ରହୁଥିବା କୋଟି କୋଟି ଜନତାଙ୍କ ପାଇଁ ଏଇ ରଥଯାତ୍ରା ହେଉଛି ଏକ ପବିତ୍ର ଦିବସ। ଯେଉଁ ପରମ ସତ୍ୟ କଥା କୁହାଯାଇଛି ତାହା ହେଲା ଆମ ଶରୀର, ବିଶ୍ୱ ଏବଂ ପ୍ରକୃତି। ଯାହାକୁ ଅନ୍ୟ ଭାଷାରେ କହିବାକୁ ଗଲେ ଦେହୁ, ଅବନୀ ଏବଂ ପରମାର୍ଥ। ଏହା ଭାଗବତରେ ଲିପିବଦ୍ଧ ଧରା ଉପରେ ଚଳଚଂଚଳ ଥିବା ଆମ ଶରୀର, ଶରୀର ମଧ୍ୟେ ଥିବା ଆତ୍ମା, ପରମାତ୍ମାର ସାଦୃଶ୍ୟ ରହିଛି। ଏଣୁ ପଥ ଉପରେ ରଥ, ରଥ ମଧ୍ୟେ ଜଗନ୍ନାଥ। ଉପରୋକ୍ତ ଉକ୍ତି ସହ କିଛି ସମାମଞ୍ଜସ୍ୟ ଥିଲା ପରି ମନେ ହୁଏ। ଶ୍ରୀ ଜଗନ୍ନାଥଙ୍କର ତ ସବୁ ବଡ। ଭୋଗ ବଡ ଷାଠିଏ ପଉଟି ଭୋଗ ଦାଣ୍ଡ (ପଥ) ବଡ, ବଡ ଦାଣ୍ଡ, ରଥ ବଡ, ନନ୍ଦି ଘୋଷ ରଥ। ତାଙ୍କରି କରୁଣା ମଧ ବଡ। ଉଦାହରଣ ସ୍ୱରୁପୁ ଦାସିଆ ବାଉରୀ, ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି ଏପରି ଅନେକ। କଥାରେ ଅଛି "ରଥେ ତୁ ବାମନଂ ଦୃଷ୍ଟା ପୁନଃଜନ୍ମ ନ ବିନୀତତ"। ଏଥିରୁ ଅନୁମେୟ ଯେ ସେହି ରଥର ମହତ୍ୱ, ଗୁରୁତ୍ୱ କେତେ ! ଭକ୍ତ ଭାବାବେଗକୁ ନେଇ କେବଳ ସେବାୟତ, ପୋଲିସ ସହାୟତାରେ ରଥ ଟଣା ହେବ। ଆଉ କି ଉପାୟ ହିଁ ନାହିଁ। ଭକ୍ତ ଖୁସ ! ଗୁଣ୍ଡିଚା ଯାତ୍ରାରେ ରଥ ଉପରେ ବିରାଜିତ ବାମନ ରୂପୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କଲେ ଦର୍ଶନାଥୀ ଭକ୍ତର ସମସ୍ତ ପାପ କ୍ଷୟ ହୋଇ ସେ ମୁକ୍ତିଲାଭ କରିଥାଏ।


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଅପାର ଲୀଳାର ନିୟନ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷ ଯାତ୍ରାର ଏହି ମହାନ ନିର୍ଘୋଷ ଆମ ହୃଦୟ କନ୍ଦରରେ ଅହରହ ପ୍ରକମ୍ପିତ ହେଉ - "ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବ ତୁମେ"। ଜାତି, ଧର୍ମ, ଜ୍ଞାନ ଗରିମାରେ ଭେଦଭାବ ଭୂଲି ଦେଶ ବିଦେଶର ଲକ୍ଷ ଲକ୍ଷ ମୋକ୍ଷ ପିପାସୁ ଯାତ୍ରୀଙ୍କ ସମାବେଶ ହୋଇଥାଏ ସେ ଦିନ ବଡ ଦାଣ୍ଡରେ। ବଡ ଦାଣ୍ଡର ଧୂଳି ମୁଣ୍ଡରେ ବୋଲି ଭକ୍ତ ତାକୁ ଚନ୍ଦନ ବୋଲି ମନେ କରି ଜଗନ୍ନାଥଙ୍କର କାଣିଚାଏ କୃପା ପାଇବା ପାଇଁ ବ୍ୟାକୁଳ ହୋଇଉଠେ। ବଡ ଦାଣ୍ଡ କହେ ମୁଁ ବଡ। ଖାଲିତ ଜଗନ୍ନାଥ ମହାପ୍ରଭୁ ରଥା ରୁଢ଼ ହେଲେ ତ ଚଳିବ ନାହିଁ। ରଥ ଚକା ଗଡିବା ଦରକାର। ଯେଉଁ ବଡ ଦାଣ୍ଡରେ ରଥ ଘଡ ଘଡ ଶବ୍ଦ ଗଡି ଚାଲେ, ରଥଯାତ୍ରାର ପୂର୍ଣ୍ଣତା ଆଣିଥାଏ। ରଥାସୀନୀ ଦାରୁବ୍ରହ୍ମ ପୁରୁଷୋତମଙ୍କୁ ଦର୍ଶନ କରି ସେ ମର୍ତ୍ୟଲୋକରୁ ମୁକ୍ତି ପାଇବ, ମୋକ୍ଷ ଲାଭ କରିବାକୁ ବ୍ୟାକୁଳତାର ସହ ଚାହିଁ ବସିଥାଏ ଭକ୍ତ। ଏହି ପବିତ୍ର ଦିନଟିକୁ। ଏହି ଦିନ ରଥାରୋହଣ କରି ଶ୍ରୀ ଜଗନ୍ନାଥ ମହାପ୍ରଭୁ ବାହାରି ପଡନ୍ତି ବଡ ଦାଣ୍ଡରେ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ। ପଥ(ବଡ-ଦାଣ୍ଡ) ମଧ ରଥ ଠାରୁ କୌଣସି ଗୁଣରେ କମ୍ ନୁହେଁ। ତିନି ଠାକୁରଙ୍କୁ ଧରି ତିନି ରଥ ଗଡି ଚାଲେ ବଡ ଦାଣ୍ଡରେ। ଏଣୁ ଏହି କ୍ଷେତ୍ରରେ ରଥର ଭୂମିକା ଯେତିକି ପଥର ଭୂମିକା ବି ସେତିକି। ଭକ୍ତମାନଙ୍କ ଟଣାଓଟରା ଖାଇଖାଇ ବଡ ଦାଣ୍ଡରେ ଗଡି ଚାଲିଥାଏ ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡକୁ। ଏତେଦିନ ପରେ ବଡ ଦେଉଳ ଛାଡି ତିନି ଠାକୁର ଆସିଛନ୍ତି ମାଉସୀ ଘରକୁ ସେଠାରେ ସେମାନ୍‌ଙ୍କର ବେଶ୍ ଚର୍ଚ୍ଚା ହୁଏ। କିନ୍ତୁ ଏପଟେ ଶ୍ରୀ ମନ୍ଦିର ଶ୍ରୀ ଜଗନ୍ନାଥଙ୍କ ବିହୁନେ ଶ୍ରୀହୀନ ଜଣାପଡୁଥାଏ ରତ୍ନ ସିଂହାସନ ଠାରୁ ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ସମସ୍ତେ ଝୁରି ଥାଆନ୍ତି ଶ୍ରୀ ଜଗନ୍ନାଥଙ୍କୁ। ସୃଷ୍ଟି ଅଚଳ ହୋଇପଡିଲା ଭଳି ଲାଗେ। ରତ୍ନ ସିଂହାସନ ଆଉ ବେଶି ଦିନି ଶୂନ୍ୟ କରିବାକୁ ନଦେଇ ଭକ୍ତମାନେ ପୁଣି ଲାଗିପଡନ୍ତି ତିନି ଠାକୁରଙ୍କୁ ସ୍ୱସ୍ଥାନକୁ ଫେରାଇ ଆଣିବାକୁ। ପୁଣି ସଜବାଜ ଚାଲେ। ପୁଣି ତିନି ରଥରେ ବସାଇ ତିନି ଠାକୁରଙ୍କ ଇଚ୍ଛା ଅନିଚ୍ଛା ବାଛ ବିଚାର ନକରି ସେମାନଙ୍କୁ ଭକ୍ତଗଣ ବଡ ଦାଣ୍ଡରେ ଟାଣି ଟାଣି ନେଇ ଆସନ୍ତି ଶ୍ରୀମନ୍ଦିରକୁ। ବଡ ଦେଉଳ ପୁଣି କୋଳାହଳରେ ପୁରି ଉଠେ। ଯେଉଁ ରଥମାନେ ନିଜକୁ ବଡ ବୋଲି କହନ୍ତି- ନନ୍ଦିଘୋଷର ଉଚ୍ଚତା ୪୫ଫୁଟ, ଚକ ସଂଖ୍ୟା-୧୬, ଚକର ବ୍ୟାସ ୭ଫୁଟ ରଥାବୃତ କପଡାର ରଙ୍ଗ ଲାଲ ଓ ହଳଦୀ, ପାର୍ଶ୍ୱଦେବତାଙ୍କ ସଂଖ୍ୟା-୯, ରଥର ଘୋଡା ସଂଖା-୬ ସାରଥୀ ନାମ ମାତଳି। ସେହିଭଳି ତାଳଧ୍ୱଜର ଉଚ୍ଚତା-୪୪ଫୁଟ, ଚକ ସଂଖ୍ୟା -୧୪, ଚକବ୍ୟାସ - ୭ଫୁଟ, ରଥାବୃତ କପଡାର ରଙ୍ଗ-ଲାଲ ଓ ନୀଳ, ପାର୍ଶ୍ୱଦେବତାଙ୍କ ସଂଖ୍ୟା-୯, ରଥର ଘୋଡା ସଂଖ୍ୟା-୪, ସାରଥିଙ୍କ ନାମ-ଦାରୁକ, ସେହିଭଳି ଦେବଦଳନ ରଥର ଉଚ୍ଚତା-୪୩ଫୁଟ, ଚକସଂଖ୍ୟା-୧୨, ଚକବ୍ୟାସ-୭ଫୁଟ, ରଥାବୃତ କପଡାର ରଙ୍ଗ-ଲାଲ ଓ କଳା, ପାର୍ଶ୍ୱଦେବତାଙ୍କ ସଂଖ୍ୟା-୯, ରଥରେ ଯୋଚା ଘୋଡା ସଂଖ୍ୟା-୪, ସାରଥିଙ୍କ ନାମ-ଅର୍ଜୁନ।

ରଥଯାତ୍ରା ଦିନି ଶ୍ରୀମନ୍ଦିରରେ ପ୍ରାତଃକାଳରେ ଚତୁର୍ଦ୍ଧାମୂର୍ତୀ ଶ୍ରୀ ଜଗନ୍ନାଥଙ୍କର ମଙ୍ଗଳ ଆଳତି, ମଇଲମ ଓ ଚାପ ଭଉଁରୀ ବେଶ, ଅବକାଶ, ଅବକାଶ ପରେ ମଇଲମ ଓ ବେଶ ଓ ଭୋଗ ହେବା ପରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ରଥ ଉପରକୁ ବିଜେ କରନ୍ତି। ଇତି ମଧରେ ରଥରେ ଧ୍ୱଜ ପୂଜା ପରେ ଧ୍ୱଜ ଲଗା ହୋଇଥାଏ ଓ ଶ୍ରୋତ୍ରିୟ ବ୍ରାହ୍ମଣମାନେ ରଥ ପ୍ରତିଷ୍ଠାର ହୋମ ସଂପାଦନ ପୂର୍ବକ ରଥ ପ୍ରତିଷ୍ଠା କରି ସାରିଥାନ୍ତି। ଦୟିତା ପତି, ସେବକ, ଅନ୍ୟମାନଙ୍କ ସହାୟତାରେ ଗୋଟି ପହଣ୍ଡିରେ ପ୍ରଥମ ସୂଦର୍ଶନ, ତାପରେ ବଳଭଦ୍ର, ତାପରେ ସୂଭଦ୍ରା ଏବଂ ଶେଷର ଶ୍ରୀଜଗନ୍ନାଥ - ଏହି କ୍ରମରେ ଦାରୁ ବିଗ୍ରହମାନଙ୍କ ପହଣ୍ଡି କରାଇ ସ୍ୱ ସ୍ୱ ରଥରେ ଅବସ୍ଥାପିତ କରାଇଥାନ୍ତି ରାମକୃଷ୍ଣ ଏବଂ ମଦନ ମୋହନଙ୍କ ଧାତୁ ମୂର୍ତୀକୁ ମଧ୍ୟ ଯଥାକ୍ରମେ ବଳଭଦ୍ର ଏବଂ ଜଗନ୍ନାଥଙ୍କ ରଥରେ ଅବସ୍ଥାପିତ କରାଯାଇଥାଏ। ଏହାପରେ ପୁରୀର ମହାରାଜ ଗଜପତି ଦିବ୍ୟ ସିଂହ ଦେବ ପ୍ରଥମେ ବଳଭଦ୍ରଙ୍କ ରଥ, ତାପରେ ଜଗନ୍ନାଥଙ୍କ ରଥ ଏବଂ ଶେଷରେ ସୁଭଦ୍ରା ସୂଦର୍ଶନଙ୍କର ରଥରେ ଛେରା ପହଁରା କରନ୍ତି। ସୁବାସିତ ଚନ୍ଦନ ଜଳ ସିଂଚନ କରାଯାଇ ଛେରା ପହଁରା କରାଯାଇଥାଏ। ରଥସ୍ଥ ଦେବଦେବୀଙ୍କୁ ପ୍ରଣାମ ପୂର୍ବକ ପୁଷ୍ପାଞ୍ଜଳୀ ଦେଇ ଅନ୍ୟାନ୍ୟ କାର୍ଯ୍ୟର ଅର୍ଥାତ୍ ଚିତା ଲାଗି ଏବଂ ମାଳ ଚୂଳ ସମାପନ କରି ସାରଥିମାନଙ୍କୁ ରଥ ଉପରକୁ ବହନ କରାଯାଇ ଚାରମାଳ ଫିଟାଯାଇ ଘୋଡା ଯୋଚାଯାଇ ରଥ ଟଣା ଆରମ୍ଭ ହୁଏ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ୯୪୩୭୯୯୪୩୭୯

# ଶ୍ରମଜୀବୀଙ୍କ ଦୁଃଖ ବୁଝୁଛି କିଏ ?

ପୃଥିବୀର କେତେ ନଦୀରେ କେତେ ଜଳ ବହିଗଲାଣି। ଦେଶେ ଦେଶେ କେତେ ଯେ ମୌସୁମୀ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେ ଯେ ତ୍ୟାଗପୂତ ଲଢ଼େଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି, ତା'ର ପଟାନ୍ତର ନାହିଁ। ଆଜି ମଧ୍ୟ ପୁଞ୍ଜିପତି ଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷ ଲକ୍ଷ ଶ୍ରମିକ କୃଷକ ଖଟିଖିଆ ମଣିଷ ବଳି ପଡୁଛନ୍ତି। ଏହି ଶୋଷଣ ବିରୁଦ୍ଧରେ ଅଗଣିତ ମୁକ୍ତିପିପାସୁ ଶ୍ରମଜୀବୀ ମଣିଷ ଘୋଷଣା କରିଛି ମରଣପଣ ରକ୍ତକ୍ଷୟୀ ସଂଗ୍ରାମ।

ସମଗ୍ର ବିଶ୍ୱର ପରିସ୍ଥିତି ଦିନକୁଦିନ ଜଟିଳରୁ ଜଟିଳତର ହେବାରେ ଲାଗିଛି। ପ୍ରତିନିୟତ ପରିବର୍ତନର ଧାରା ପ୍ରବାହିତ ହେବାରେ ଲାଗିଛି। କାଲି ଯାହା ସତ୍ୟ, ପ୍ରଗତିଶୀଳ ଏବଂ ସର୍ବାଧୁନିକ ଥିଲା- ଆଜି ତାହା ପୁରୁଣା ହୋଇଯାଉଛି। ନୂଆ ନୂଆ ଘଟଣା ପ୍ରତ୍ୟେକ ମୁହୂର୍ତରେ ଘଟିଚାଲିଛି। ଅଭିନବ ଉଦ୍‌ଭାବନ ଅହରହ ସୃଷ୍ଟି ହେଉଛି। ବିଶ୍ୱର କୋଣେ ଅନୁକୋଣେ ଯେକୌଣସି ସାଧାରଣ-ଅସାଧାରଣ ଘଟଣା-ଅଘଟଣା ଘଟିଯାଉଛି, ଆଖି ପିଛୁଳାକେ ସମୁଦ୍ରର ଢେଉ ଭଳି ଜନମାନସରେ ପ୍ରତିଧ୍ୱନିତ ହେଉଛି। ଗଣମାଧ୍ୟମର ଦ୍ରୁତ ବିକାଶ ଘଟିଚାଲିଛି। ଯାହା ଯୋଗୁଁ ଅଛପା ବୋଲି କିଛି ରହୁନାହିଁ।

ସବୁଠି ଚୁକ୍ତିଭିତିରେ ଶ୍ରମିକମାନେ କାମ କରୁଛନ୍ତି। କଳକାରଖାନା, ଖଣିଖାଦାନ, ବନ୍ଦର, ରେଳ ଏବଂ ଯେକୌଣସି ଶିଳ୍ପରେ ଠିକା ଶ୍ରମିକ ଭର୍ତି। ସର୍ବନିମ୍ନ ମଜୁରୀ ସୁବିଧା ସୁଯୋଗ ପାଇବା କଷ୍ଟକର। ସୁରକ୍ଷା କଥା ନ କହିଲେ ଭଲ। କୌଣସି ନିୟମ କାନୁନ ପାଳନ ହୁଏନା। ପ୍ରାୟ ୯୦ ଭାଗ ଶିଳ୍ପରେ ଏଭଳି ଅବସ୍ଥା। ବାକି ୧୦ ଭାଗ ଶିଳ୍ପରେ ସଂଗଠିତ ଶ୍ରମିକ କାମ କରୁଥିବାରୁ ସେଠାରେ ଟ୍ରେଡ୍ ୟୁନିୟନ୍‌ମାନଙ୍କ ଉପସ୍ଥିତି ଯୋଗୁ କିଛିଟା ପ୍ରାପ୍ୟ ମିଳେ। କିନ୍ତୁ ଠିକାରେ କାମ କରୁଥିବା ଶ୍ରମିକ, ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ପେଟ ବିକଳରେ କପାଳରେ ହାତ ମାରି କାମ କରିଥାଆନ୍ତି। ଏଇଠି ଶ୍ରମିକ ଆନ୍ଦୋଳନ ପଛରେ ପଡ଼ିଯାଇଛି। ଶ୍ରମିକମାନେ ପରାଜୟର ସ୍ୱାଦ ଚାଖୁଛନ୍ତି।

ଶ୍ରମ ଓ ପୁଞ୍ଜି ମଧ୍ୟରେ ବିବାଦ ଲଢ଼େଇ ପୂର୍ବରୁ ଥିଲା ଆଜି ମଧ୍ୟ ଅଛି। ଶ୍ରମିକମାନେ ଉପଯୁକ୍ତ ମଜୁରୀ ଚାହାଁନ୍ତି। ମାଲିକମାନଙ୍କର ଅତ୍ୟଧିକ ମୁନା'। ଦରକାର। ଏ କଥା କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଅପ୍ରିୟ ସତ୍ୟ। ଆଜିବି ୧ ଭାଗ ମାଲିକ ଶ୍ରେଣୀର ରାଜୁତି ବିଶ୍ୱବ୍ୟାପି ଚାଲିଛି। ବାକି ୯୯ ଭାଗ ଶ୍ରମଜୀବୀ ଏବେବି ଶୋଷିତ, ନିଷ୍ପେଷିତ, ନିର୍ଯାତିତ। ଶ୍ରମିକ ଶ୍ରେଣୀର ବିଭିନ୍ନ ଦେଶରେ କମ୍ୟୁନିଷ୍ଟ ପାର୍ଟି ଖଣ୍ଡବିଖଣ୍ଡିତ। ସର୍ବହରାର ଏକନାୟକତ୍ୱର ଲକ୍ଷ୍ୟ, ମାର୍କସ୍‌ବାଦ, ଲେନିନ୍‌ବାଦ, ମାଓବାଦକୁ କେବେଠୁ ଭୁଲିଗଲାଣି। ନୀତି ଆଦର୍ଶ ମୁହଁରେ ଯେତେ କଣ୍ଠ 'ଟାଇ ଚିତ୍କାର କଲେବି କାର୍ଯ୍ୟରେ ପେଟି ବୁର୍ଜୁଆ। ମାଲିକ ଶ୍ରେଣୀ ବିଭିନ୍ନ ଦେଶରେ ସଙ୍କଟରେ ପଡ଼ି ଛଟପଟ ହେଉଥିଲା ବେଳେ ସେମାନଙ୍କ ଦ୍ୱାରା ପାଳିତ ରାଜନୈତିକ ଦଳ ମଧରେ ଭାଙ୍ଗଣ ଧରିଛି। ତେଣୁ ମାଲିକ ଓ ଶ୍ରମିକ ଶ୍ରେଣୀ ଦଳମାନଙ୍କ ମଧ୍ୟରେ କାଦୁଅ 'ଙ୍ଗିଙ୍ଗି ଅବ୍ୟାହତ ରହିଛି। ଏହାଦ୍ୱାରା ଶ୍ରମିକଶ୍ରେଣୀ ବେଶି କ୍ଷତିଗ୍ରସ୍ତ ହେଉଛନ୍ତି।

ପୁଞ୍ଜି ବିରୁଦ୍ଧରେ ଲଢ଼େଇ କରି ଶ୍ରମିକ ଶ୍ରେଣୀ ଛିନ୍‌ଛତ୍ର ହୋଇପଡ଼ିଛି। ଏଇ ବିଶ୍ୱର ବିନ୍ଧାଣୀ ଶ୍ରମିକଶ୍ରେଣୀ କେବେ ତା'ର ହକ୍ ପ୍ରାପ୍ୟ ଅଧିକାର ପାଇବ ? ଏଇ ଅଧିକାର ପାଇଁ ଶ୍ରମିକ ଶ୍ରେଣୀକୁ ଐକ୍ୟବଦ୍ଧ କରି ସଠିକ୍ ପଥରେ ପରିଚାଳନା କରିବା ପାଇଁ ଯେଉଁମାନେ ସ୍ୱଘୋଷିତ ଦାୟିତ୍ୱ ବହନ କରିଥିଲେ - ସେମାନେ ପାର୍ଲାମେଂଟାରୀ ମୋହରେ ପଡ଼ି ଧରାଶାୟୀ। ଯାହା ଫଳରେ ଆନ୍ଦୋଳନ ଆଉ ସେ ପୂର୍ବ ଆନ୍ଦୋଳନ ଭଳି ନାହିଁ। ସଠିକ୍ ନେତୃତ୍ୱ ଓ ଆନ୍ଦୋଳନ ବିନା ଶ୍ରମିକଶ୍ରେଣୀ ଆପଣାର ଅଧିକାର ସାବ୍ୟସ୍ତ କରିପାରୁନି। ବିଶ୍ୱର ବିଭିନ୍ନ ଦେଶରେ ଏପରିକି କିଛି କିଛି ଦେଶର ବିଭିନ୍ନ ରାଜ୍ୟରେ ଆମ ଭାରତର ପଶ୍ଚିମବଙ୍ଗ, ତ୍ରିପୁରା, କେରଳ ରାଜ୍ୟରେ କମ୍ୟୁନିଷ୍ଟମାନେ ସରକାରରେ ଥିଲେ। କିନ୍ତୁ ଶ୍ରମିକଶ୍ରେଣୀର ଯେଉଁ ପରିବର୍ତନ ହେବାର ଥିଲା ତାହା ହେଲାନି। ଏଥିପାଇଁ ଶ୍ରମିକମାନଙ୍କ ଅପେକ୍ଷା ନେତାମାନେ ବେଶି ଦାୟୀ।

ଶ୍ରମିକମାନଙ୍କୁ ରାଜନୈତିକ ଭାବେ ସଚେତନ କରାନଯାଇ ଅର୍ଥନୈତିକ ସୁବିଧାବାଦର ଗଣ୍ଡି ଭିତରକୁ ଛାଡ଼ି ଦିଆଗଲା। ପୁଞ୍ଜିର ଚରିତ୍ର ଅହର୍ନିଶ ବଦଳି ଯାଉଥିଲା ବେଳେ ଶ୍ରମର ଚରିତ୍ର ସେଇ ପୁରୁଣା ଢଙ୍ଗରେ ଚାଲିଛି। ଟ୍ରେଡ୍ ୟୁନିୟନ୍‌ମାନେ ନୂଆ ଭାବେ ଶ୍ରମିକ ଶ୍ରେଣୀକୁ ଦିଗ୍‌ଦର୍ଶନ ଦେଉନାହାଁନ୍ତି। ଯେତେ ଆନ୍ଦୋଳନ କଲେ ମଧ୍ୟ ବାସ୍ତବ ଦାବି ପୂରଣ ହେଉନି।

ଯେଉଁ ଶ୍ରମିକମାନେ ଭାବୁଛନ୍ତି - ନେତାମାନେ ସବୁ ଠିକ୍‌ଠାକ୍ କରିଦେବେ ସେମାନେ ପ୍ରକୃତରେ ଠକି ଯାଉଛନ୍ତି। ଆଉ ପୂର୍ବରୁ ସେ ସଂଗ୍ରାମୀ ସଚ୍ଚା ନେତା ନାହାଁନ୍ତି ଯେଉଁମାନେ ଶୟନେ ସ୍ୱପନେ ଜାଗରଣେ ଶ୍ରମିକଶ୍ରେଣୀର ମୁକ୍ତି ଚାହୁଁଥିଲେ, ଲଢୁଥିଲେ ମଧ୍ୟ। ଆଜିର ନେତାମାନଙ୍କୁ ଆତ୍ମସ୍ୱାର୍ଥ ବନ୍ଦୀ କରି ରଖିଛି। ସେମାନେ ଶ୍ରମିକର ସ୍ୱାର୍ଥ ଦେଖିବେ କିପରି ?

ଶ୍ରମିକମାନେ ଏବେ ଆଉ ପୁରୁଣା ଢଙ୍ଗରେ ଚାଲିଲେ ହେବନି। ଯେତେଦିନ ପର୍ଯ୍ୟନ୍ତ ଶ୍ରମିକମାନେ ସାମାଜିକ ଆନ୍ଦୋଳନ ସଂଗେ ଯୋଗଦାନ କରୁନାହାଁନ୍ତି ସେତେଦିନ ପର୍ଯ୍ୟନ୍ତ ପଛୁଆ ହୋଇ ରହିଥିବେ। ଶ୍ରମିକଶ୍ରେଣୀର ଏ ଦୟନୀୟ ଅବସ୍ଥା ଦେଖି ବେଳେବେଳେ ମନଟା ମୋର ଖରାପ ହୋଇଯାଏ।


ମାୟାଧର ନାୟକ

୧୯୧୯ରୁ ଆନ୍ତର୍ଜାତିକ ଶ୍ରମ ସଂଗଠନ ଶକ୍ତିଶାଳୀ ଟ୍ରେଡ୍ ୟୁନିୟନ୍ ଉପରେ ଗୁରୁତ୍ୱ ଦେଇଆସିଛି। ଅଧିକାଂଶ ଟ୍ରେଡ୍ ୟୁନିୟନ୍ ରାଜନୀତି ଦଳର ପଲାରେ ବଟକରା ହୋଇଯାଇ ଅସଲ ଆନ୍ଦୋଳନରୁ ଓହରି ଆସୁଛନ୍ତି। ଶ୍ରମିକମାନଙ୍କ ଅଧିକାର ସମ୍ପର୍କରେ ରାଜନୈତିକ ସମସ୍ୟା ନୁହେଁ - ଏହା ଅଧିକନ୍ତୁ ସାମାଜିକ ଓ ସାଂସ୍କୃତିକ ସମସ୍ୟା। ଯେଉଁମାନଙ୍କ ଲୁହଲହୁରେ ଦେଶବିଦେଶ ରାଜ୍ୟର ଅର୍ଥନୀତି ସଂମୃଦ୍ଧି ହୁଏ, ଶିଳ୍ପପତିମାନଙ୍କର ହିମାଳୟ ପର୍ବତ ସଦୃଶ ସମ୍ପତି ବୃଦ୍ଧିହୁଏ, ସେଇ ଶ୍ରମଜୀବୀମାନଙ୍କ ଦୁଃଖ ବୁଝୁଛି କିଏ ?

ଶ୍ରମିକ ଶ୍ରେଣୀର ମୂଳ ସମସ୍ୟା ପ୍ରୟୋଜନୀୟ ଖାଦ୍ୟ ବସ୍ତ୍ର ବାସଗୃହ ପାଇଁ ଉପଯୁକ୍ତ କର୍ମନିଯୁକ୍ତି ଓ ଆବଶ୍ୟକ ମଜୁରି। ଆମ ପ୍ରିୟ ଭାରତବର୍ଷକୁ ଏକ ସମୃଦ୍ଧିଶାଳୀ, ବିକାଶଶୀଳ ଓ ଶକ୍ତିଶାଳୀ ଦେଶରୂପେ ଗଢ଼ି ତୋଳିବାକୁ ହେଲେ ଲୋକମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବାକୁ ହେବ। ମୂଳ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ହେବ। ପ୍ରଥମେ କୃଷିର ଆଧୁନିକୀକରଣ କରାଯାଇ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେବ। ଗାଁ ଗହଳିର ଯେଉଁ ଲୋକମାନେ ବଳକା ହୋଇପଡ଼ିବେ ସେମାନଙ୍କୁ କାମ ଯୋଗାଇବା ପାଇଁ ଶିଳ୍ପ ବିକାଶର ଅବାଧ ରାସ୍ତା ଖୋଲିଦେବାକୁ ହେବ। ବେକାର ସମସ୍ୟା ସମାଧାନ କରିବାକୁ ହେବ - ସୁଷମ ବଂଟନ ଓ ଦରଦାମ ସ୍ଥିର ରଖିବାକୁ ହେବ। ଏହି ଜଟିଳ ପ୍ରଶ୍ନ ଗୁଡ଼ିକ ଆମ ଦେଶର ରାଷ୍ଟ୍ର ଚରିତ୍ର ଓ ଅର୍ଥନୈତିକ ବ୍ୟବସ୍ଥା ସହିତ ଓତପ୍ରୋତଃ ଭାବେ ଜଡ଼ିତ। ଯେତେଦିନ ପର୍ଯ୍ୟନ୍ତ କୃଷିର ଆଧୁନିକୀକରଣ, କ୍ରମାଗତ ଶିଳ୍ପବିକାଶ, ଉତ୍ପାଦନର ସାମାଜିକ ମାଲିକାନା। ଶ୍ରମିକ ଶ୍ରେଣୀର ରାଷ୍ଟ୍ରବ୍ୟବସ୍ଥା ପ୍ରତିଷ୍ଠିତ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଶ୍ରମିକଶ୍ରେଣୀର ମୌଳିକ ସମସ୍ୟା ସମାଧାନ ହେବା ଅସମ୍ଭବ। ସ୍ଥାୟୀ ସମାଧାନ ଏକମାତ୍ର ନିର୍ଭର କରୁଛି ଶୋଷଣହୀନ ସମାଜ ବ୍ୟବସ୍ଥାର ପ୍ରଚଳନ। କୌଣସି ଦେଶର ସରକାରର ପରିବର୍ତନ ଶାସକର ପରିବର୍ତନ ହେଲେ ରାଷ୍ଟ୍ର ବ୍ୟବସ୍ଥା ପରିବର୍ତନ ହୋଇଯାଏନା।

ଏହା ମଧ୍ୟରେ ଅନ୍ତର୍ଜାତୀୟ ଓ ଜାତୀୟ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତନ ଓ ଘଟଣା ଘଟିଯାଇଛି, ଯାହା 'ଳରେ ଶ୍ରମିକ ଆନ୍ଦୋଳନ ଓ ସମସ୍ତ ପ୍ରକାର ଶୋଷଣରୁ ମୁକ୍ତି ପାଇଁ ଶ୍ରମଜୀବୀ ଜନଗଣଙ୍କ ସଂଗ୍ରାମ ଅତ୍ୟନ୍ତ ଜଟିଳ ଓ କଷ୍ଟସାଧ୍ୟ ହୋଇପଡ଼ିଛି। ତା ସତ୍ତ୍ୱେ ରାତ୍ରିର ଅନ୍ଧକାର ଭେଦକରି ନୂତନ ସୂର୍ଯ୍ୟର ଆଗମନୀକୁ କେହି ଯେପରି ରୋକି ପାରନ୍ତି ନାହିଁ, ସେହିଭଳି ଶ୍ରମିକ ଶ୍ରେଣୀର ଅଗ୍ରଗତିକୁ ରୋକିବାର ସାହସ କାହାର ନାହିଁ। ସାମୟିକ ଭାବେ ଶ୍ରମିକ ଶ୍ରେଣୀ ଆନ୍ଦୋଳନରେ ସାମୟିକ ସଙ୍କଟ ସତ୍ତ୍ୱେ ପୁଣି ବିଶ୍ୱବ୍ୟାପୀ ଶ୍ରମିକ ଆନ୍ଦୋଳନ, ସମାଜତାନ୍ତ୍ରିକ ବିପ୍ଳବର ଜୁଆର ଆସୁଛି। ଯେତେଦିନ ପର୍ଯ୍ୟନ୍ତ କ୍ଷୁଧା-ବେକାରୀ-ଅଭାବ ଅନଟନ ଥିବ, ଶ୍ରମିକମାନେ ଲଢ଼େଇ ଜାରି ରଖିବେ। ଶେଷରେ ଶ୍ରମିକ ଶ୍ରେଣୀର ଜୟ ସୁନିଶ୍ଚିତ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩




## କେନ୍ଦୁଝର ଜିଲ୍ଲାରେ ୪ପରେ ପୁଣି ୨କରୋନା ମୃତ୍ୟୁ : ଜିଲ୍ଲାରେ କରୋନା ମୃତ୍ୟୁକୁ ନେଇ ଲାଗି ରହିଛି ଦ୍ୱନ୍ଦ :ଗୋଟିଏ ଦିନରେ ୫୧ ସଂକ୍ରମିତ ଚିହ୍ନଟ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ କରୋନା ରେ ସଂକ୍ରମିତ ହୋଇ ମୃତ୍ୟୁ ବରଣ କରୁଥିବା ରୋଗୀଙ୍କର ସଂପର୍କରେ ପ୍ରଶାସନ ତଥା ହସପିଟାଲ ର ତଥ୍ୟର ସତ୍ୟତାକୁ ନେଇ ଆଜି ବି ଦ୍ୱନ୍ଦ ଲାଗି ରହିଥିବା ବେଳେ ଗତ କାଲି ୪ ଜଣଙ୍କର ମୃତ୍ୟୁ ପରେ ଆଜି ପୁଣି ୨ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏବେ ଗତ କିଛି ଦିନ ତଳେ ଉଚ୍ଚ ନ୍ୟାୟାଳୟରେ କରୋନା ମୃତ୍ୟୁର ସଠିକ ତଥ୍ୟ କୁ ନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହେବା ଓ ମାନ୍ୟବର ନ୍ୟାୟାଳୟ ଏ ସଂପର୍କରେ ହସ୍ତକ୍ଷେପ କରି କୋଭିଡ ମୃତଙ୍କ ପାଇଁ କ୍ଷତି ପୁରଣ ଦେବାକୁ ପଡିବ ବୋଲି କହିବା ପରେ ଏବେ ଜିଲ୍ଲାରେ କରୋନାରେ ମୃତ୍ୟୁ ବରଣ କରୁଥିବା ରୋଗୀଙ୍କ ସଂପର୍କରେ କିଛି କିଛି ସୂଚନା ଯଦିଓ ମିଳୁଅଛି ତାହାର ସଠିକତା ଏବେ ବି ସନ୍ଦେହ ମୁକ୍ତ ନୁହେଁ ବୋଲି ଏଠାରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଅବଶ୍ୟ ଏହି ଘଟଣା ପରେ ପରେ କରୋନାରେ ମୃତକଙ୍କ ସଂପର୍କରେ ଯଦିଓ ତଥ୍ୟ କିଛି ଦିଆଯାଉଅଛି , ବିଗତ ଦିନରେ ତାହା ମଧ୍ୟ ଦିଆଯାଉ ନଥିଲା । ଅର୍ଥାତ ପ୍ରଶାସନ ତଥା ସରକାରୀ ତଥ୍ୟ ଠାରୁ ଜିଲ୍ଲାରେ କରୋନାରେ ମୃତ୍ୟୁ ବରଣ କରୁଥିବା ରୋଗୀଙ୍କର ସଂଖ୍ୟା ବହୁତ ଅଧିକ ବୋଲି ହେଉଥିବା ଦାବୀର ଯଥାର୍ଥତାକୁ ହୁଏତ ଅସ୍ୱୀକାର କରିବାର କିଛି ନାହିଁ । ଅନ୍ୟ ପକ୍ଷରେ ଆଜି ଜିଲ୍ଲାରେ କରୋନା ଗ୍ରାଫ ତଳମୁହାଁ ହୋଇ ଥିବାର ଲକ୍ଷ୍ୟ କରାଯାଇଛି । ଆଜି ଜିଲ୍ଲାରେ ୫୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସେ ମଧ୍ୟରେ ସର୍ବାଧିକ ୧୬ ଜଣ ଜଣ କେନ୍ଦୁଝର ସଦର ବ୍ଲକ ଅଂଚଳରେ ରହିଛନ୍ତି । ଅନୁରୁପ ଭାବେ ହାଟଡିହି ବ୍ଲକ ଅଂଚଳରେ ୮ ଜଣ ରହିଥିବା ବେଳେ ଆନନ୍ଦପୁର ମ୍ୟୁନିସପାଲଟି ଓ ଚମ୍ପୁଆ ବ୍ଲକ ଅଂଚଳରେ ୫ ଜଣ ଲେଖାଁଏ , ଆନନ୍ଦପୁର ବ୍ଲକ , ହରିଚନ୍ଦନପୁର ବ୍ଲକ ଓ ପାଟଣା ବ୍ଲକ ଅଂଚଳରେ ୩ ଜଣ ଲେଖାଁଏ , ବଡବିଲ ମ୍ୟୁନିସପାଲଟି , ଘଷିପୁରା ବ୍ଲକ , ଘଟଗାଁ ବ୍ଲକ ଓ ଯୋଡା ବ୍ଲକ ଅଂଚଳରେ ୨ ଜଣ ରହିଛନ୍ତି । ସେମାନଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକର ବାଇଲୋ ପଂଚାୟତ ଅଂଚଳରେ ୩ ଜଣ , ଆନନ୍ଦପୁର ମ୍ୟୁନିସପାଲଟି ର ଓ୍ୱାର୍ଡ ନଂ ୯, ୧୦ ଓ ୧୪ ରେ ୧ ଜଣ ଲେଖାଁଏ ଓ ଓ୍ୱାର୍ଡ ନଂ ୧୧ ରେ ୨ ଜଣ ବଡବିଲ ମ୍ୟୁନିସପାଲଟି ର ଓ୍ୱାର୍ଡ ନଂ ୪ ରେ ୨ ଜଣ , ଚମ୍ପୁଆ ବ୍ଲକ ର ଯଜପଶି ପଂଚାୟତ ଅଂଚଳରେ ୩ ଜଣ , ଓ ଜାଲି ଓ ଜ୍ୟୋତିପୁର ପଂଚାୟତ ଅଂଚଳରେ ୧ଜଣ ଲେଖାଁଏ , ଘଷିପୁରା ବ୍ଲକର ବଳରାମପୁର ଓ ତରୁଆଁ ପଂଚାୟତ ଅଂଚଳରେ ୧ଜଣ ଲେଖାଁଏ, ଘଟଗାଁ ବ୍ଲକର ମୁକୁନ୍ଦପୁରପାଟଣା ପଂଚାୟତ ଅଂଚଳରେ ୨ଜଣ , ହରିଚନ୍ଦନପୁର ବ୍ଲକର ବଲ୍ଲିବାରିଗାଁ , ଜାମୁଯୋଡି ଓ ଜୁଙ୍ଗା ପଂଚାୟତ ଅଂଚଳରେ ୧ଜଣ ଲେଖାଁଏ, ହାଟଡିହି ବ୍ଲକର ଆମ୍ବୋ ଓ ସଡଙ୍ଗ ପଂଚାୟତରେ ୨ ଜଣ ଏବଂ ହାବଳେଶ୍ୱର , ଇଂଚୋଳ , ପଣ୍ଡାଡୋ , ସଡଙ୍ଗ ପଂଚାୟତ ଅଂଚଳରେ ୧ଜଣ ଲେଖାଁଏ, ଯୋଡା ବ୍ଲକର ବଳାଣୀ ପଂଚାୟତ ଅଂଚଳରେ ୨ ଜଣ , ପାଟଣା ବ୍ଲକର ପାଲନଘାଟି ପଂଚାୟତ ଅଂଚଳରେ ୨ ଜଣ , ବଡପାଟଣା ପଂଚାୟତରେ ୧ ଜଣ , କେନ୍ଦୁଝର ସଦର ବ୍ଲକ ର କଣ୍ଡରାପଶି ପଂଚାୟତ ଅଂଚଳରେ ୧୦ ଜଣ , ମଣ୍ଡୁଆ ପଂଚାୟତ ଅଂଚଳରେ ୫ ଜଣ ଓ ଶିରିଶପାଳ ପଂଚାୟତ ଅଂଚଳରେ ୧ଜଣ ରହିଛନ୍ତି । ଫଳରେ ଜିଲ୍ଲାରେ ଏବେ ସର୍ବମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୯୦୬୮ ରେ ପହଂଚିଥିବା ବେଳେ ସୁସ୍ଥ ସଂଖ୍ୟା ୧୯୦୬୮ ରେ ପହଂଚିଅଛି । ବର୍ତମାନ ଜିଲ୍ଲାରେ ଆକ୍ଟିଭ କେଶ ୪୯୯ ରହିଥିବା ବେଳେ କରୋନା ମୃତ୍ୟୁ ସଂଖ୍ୟା ୮୨ କୁ ବୃଦ୍ଧି ପାଇଛି । ଗୋଟିଏ ଦିନରେ ୨୫୨୧ ଜଣଙ୍କର କୋଭିଡ ଟେଷ୍ଟ ହୋଇଛି । ମୃତ୍ୟୁ ବରଣ କରିଥିବା ୨ ଜଣଙ୍କ ମଧ୍ୟରେ କେନ୍ଦୁଝରଗଡ ମ୍ୟୁନିସପାଲଟି ଅଂଚଳରେ ର ଜଣେ ୩୮ ବର୍ଷିୟ ଯୁବରକ ରହିଥିବା ବେଳେ ଆନନ୍ଦପୁର ବ୍ଲକ ଅଂଚଳର ଜଣେ ୭୧ ବର୍ଷିୟ ମହିଳା ରହିଛନ୍ତି ।

## ଶୌଚାଳୟ ଟାଙ୍କି ଲିକ୍, ଘଷିପୁରା ବସ୍‌ଷ୍ଟାଣ୍ଡରେ ଯାତ୍ରୀ ହଟହଟା

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲାର ବ୍ୟସ୍ତବହୁଳ ଘଷିପୁରା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ହଟହଟା ହେଉଥିବା ଦେଖିବାକୁ ମିଳିଛି । ଶୌଚାଳୟର ଟାଙ୍କି ଲିକ୍ ହେବା ଯୋଗୁଁ ଯାତ୍ରୀମାନେ ଦୁର୍ଗନ୍ଧମୟ ପରିବେଶରେ ଯାତାୟତ କରୁଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ବାରମ୍ବାର ଦାବି ପରେ ଆନନ୍ଦପୁର ମ୍ୟୁନିସିପାଲିଟି ପକ୍ଷରୁ ପ୍ରାୟ ୭ଲକ୍ଷ ଟଙ୍କା ବ୍ୟୟରେ ଏକ ଶୌଚାଳୟ ନିର୍ମାଣ କରାଯାଇଛି । ୨୦୧୯ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଧାୟକ ଭାଗୀରଥି ସେଠୀ ଏହାର ଉଦ୍‌ଘାଟନ କରିଥିଲେ । ତେବେ ଶୌଚାଳୟ ଟାଙ୍କିରୁ ପାଣି ଲିକ୍ ହୋଇ ବସ୍‌ଷ୍ଟାଣ୍ଡ ସାରା ମାଡୁଛି । ନିର୍ମାଣରେ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୌର କର୍ତ୍ତୃପକ୍ଷ ସଫେଇରେ ଅବହେଳା କରୁଥିବାରୁ ସମସ୍ୟା ବଢି ଚାଲିଛି । ଦୁର୍ଗନ୍ଧ ଯୋଗୁଁ ସ୍ଥାନୀୟ ଦୋକାନୀ ଓ ରାସ୍ତାରେ ଯାଉଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୌଚାଳୟ ପାଇଁ ଶହ ଶହ ଲୋକ ଅସୁବିଧାରେ ପଡୁଥିବା ବେଳେ ଏଥିପ୍ରତି କାହାର ନଜର ନାହିଁ । ଅଭିଯୋଗ ପାଇ ମ୍ୟୁନିସିପାଲଟି ପକ୍ଷରୁ ଆଜି ଟାଙ୍କି ବାହାରେ ଥିବା ପାଣିକୁ ସଫା କରାଯାଉଥିବା ବେଳେ ପୁଣି ୧ ଘଣ୍ଟାରେ ପାଣି ଜମିଥିବା ଲକ୍ଷ୍ୟ କରାଯାଇଥିଲା । ଏହାର ସ୍ଥାୟୀ ସମାଧାନ ପାଇଁ ଜନସାଧାରଣରେ ଦାବି କରାଯାଇଛି ।

## ଶୁଆକାଟୀ ସାପ୍ତାହିକ ହାଟରେ କୋଭିଡ୍-୧୯ ନିୟମ ଉଲଘଂନକାରୀଙ୍କ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର (ପିଏନ୍): ଗତ ୧୮ ତାରିଖ ରବିବାର ଦିନ ଶୁଆକାଟୀ ସାପ୍ତାହିକ ହାଟରେ ବାଂଶପାଳ ବିଡିଓ ଉଗ୍ରେସନ ଓରାମ ଓ ତହସିଲଦାର ସପନ କୁମାର ସାହୁଙ୍କ ମିଳିତ ନେତୃତ୍ୱରେ କୋରୋନା ସଂକ୍ରମଣର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ କୋଭିଡ୍-୧୯ ନିୟମ ଉଲଘଂନକାରୀ ଯଥା- ମାସ୍କ ନପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ନରଖୁଥିବା ବ୍ୟବସାୟୀ, ଜନସାଧାରଣ ଏବଂ ଯାତ୍ରୀବାହୀ ଯାନଗୁଡିକୁ ଯାଂଚ କରାଯାଇଥିଲା । କେନ୍ଦୁଝର ସଦର ଥାନା ଆଇ.ଆଇ.ସି.ଙ୍କ ନିର୍ଦ୍ଦେଶକ୍ରମେ ଶୁଆକାଟୀ ଫାଣ୍ଡି ଅଧିକାରୀ ଶ୍ରୀ ତ୍ରିନାଥ ନାଏକ ଏବଂ ପୋଲିସ୍‌ବାହିନୀ ଏହି ଯାଂଚ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଯାଂଚ ସମୟରେ କୋଭିଡ୍-୧୯ ନିୟମ ଉଲଘଂନକାରୀ ବ୍ୟବସାୟୀ ଓ ଶୁଭମ ନାମକ ଏକ ଯାତ୍ରୀ ବାହୀ ବସ୍‌ଠାରୁ ସର୍ବମୋଟ ଟ.୯୫୦୦/-ଙ୍କା ଜରିମାନା ଆଦାୟ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ଶୁଆକାଟୀ ସରପଂଚ ଶ୍ରୀମତୀ ତାରାମଣି ନାଏକ, ନିର୍ବାହୀ ଅଧିକାରୀ ଶ୍ରୀ ଭବାନୀ ପ୍ରସାଦ ନନ୍ଦ ପ୍ରମୁଖ ଏହି ଯାଂଚ ସମୟରେ ସହଯୋଗ କରିଥିଲେ ।

## ବାତୋ ପଞ୍ଚାୟତରେ ଉପନିର୍ବାଚନ ସ୍ଥଗିତ

ଆନନ୍ଦପୁର (ପିଏନ୍): କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ପଂଚାୟତର ଉପନିର୍ବାଚନକୁ ସ୍ଥଗିତ ରଖିଛନ୍ତି । ଏହି କ୍ରମରେ ଘଷିପୁରା ବ୍ଲକ ବାତୋ ପଂଚାୟତର ସରପଂଚ ପଦବୀ ପାଇଁ ଆଗାମୀ ୨୮ତାରିଖରେ ହେବାକୁ ଥିବା ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଏଥିନେଇ ବିଡିଓ ଅସିତ୍ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏପଟେ ସମସ୍ତ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଥିବା ବେଳେ ଏହି ଖବର ମିଳିବା ପରେ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ସୂଚନାଯୋଗ୍ୟ ଯେ ସରପଂଚ କାହ୍ନୁଚରଣ ନାୟକଙ୍କ ନଭେମ୍ବର ୧୬ ତାରିଖରେ ପରଲୋକ ପରେ ଏଠାରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ୧୦ବର୍ଷ ବୟସ କମାଇ ସରକାରୀ ସ୍କୁଲରେ ଶିକ୍ଷକତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ାରେ ଗଣଶିକ୍ଷକ ନିଯୁକ୍ତିକୁ ନେଇ ବିବାଦ ଥମିବାର ନାହିଁ। କେତେବେଳେ ଆବଶ୍ୟକତା ଅନୁଯାଇ ଯୋଗ୍ୟତା ପୂରଣ ହେଉନଥିଲେ ବି ଚାକିରି ସ୍ଥାୟୀ କରିବାକୁ କାରସାଦି କରାଯାଉଛି ତ ପୁଣି କେବେ ଜାଲିଆତି ହେଉଛି। ବୟସକୁ କମାଇ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରିଛନ୍ତି କେତେ । ଚାକିରି ସମୟରେ ବୟସ କମ୍ ପକାଇ କଂସାର ନୋଡାଲ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ନିଯୁକ୍ତି ପାଇଥିବା ଜଣାପଡ଼ିବାରେ ଏବେ ସେସବୁର ଖୋଳତାଡ଼ ଆରମ୍ଭ ହୋଇଛି। ଏବାବଦରେ ଅଭିଯୋଗ ହେବା ପରେ ଶିକ୍ଷା ବିଭାଗରେ ତତ୍ପରତା ପ୍ରକାଶ ପାଇବା ସହ ତଦନ୍ତ ପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ କହିଥିଲେ । ହେଲେ ପରବର୍ତୀ ସମୟରେ ତାଙ୍କର ସେହି ଦମ୍ଭୋକ୍ତି କୁଆଡ଼େ ମିଳେଇଯାଇଥିବା ଦେଖାଯାଇଛି। ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ ବି ତଦନ୍ତକୁ ଚାପିଦିଆଯାଇଛି। ବୟସ କମ୍ ଦର୍ଶାଇ ଚାକିରିକରିଥିବା ସଂପୃକ୍ତ ଶିକ୍ଷକଙ୍କର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଦରମା ବନ୍ଦ କରାଯାଇଥିଲା। କିନ୍ତୁ ଏବେ ପୁଣି ସେହି ଶିକ୍ଷକ ଶ୍ରୀ ପ୍ରଧାନ ଦରମା ପାଉଥିବା ସୂଚନା ମିଳିଛି। ୧୦ବର୍ଷ ବୟସ କମାଇ, ତ୍ରୁଟିଯୁକ୍ତ ପ୍ରମାଣପତ୍ର ଦେଇ ଶିକ୍ଷକ ଚାକିରି ହାତେଇ ନେଇଥିଲେ ବି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ ଏମିତି ଏକ ମାମଲାକୁ ଚାପିଦେବାକୁ ବସିଥିବାବେଳେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେବାରୁ ବାଧହୋଇ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ହେଲେ ଏଥର ସେମିତି ହୋଇନଥିବାରୁ ଘଟଣାକୁ ଚାପିଦେଇ ପୁଣି ସମ୍ପୃକ୍ତ ଶିକ୍ଷକଙ୍କର ଦରମା ପ୍ରଦାନ ପାଇଁ ଅନୁମତି ମିଳିଛି। ଏହାପଛରେ ବଡ଼ଧରଣର କାରବାର ହୋଇଥିବାର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଲାଣି। ଅଭିଯୋଗ ପରେ ସମ୍ପୃକ୍ତ ଶିକ୍ଷକଙ୍କର ପାଠପଢ଼ା ଓ ଜନ୍ମପ୍ରମାଣ ପତ୍ର ଦାଖଲ କରିବାକୁ କେନ୍ଦ୍ରାପଡ଼ାର ତତ୍କାଳୀନ ଭାରପ୍ରାପ୍ତ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମରୁ ତୃତୀୟ, ଚତୁର୍ଥ ଓ ୫ମ, ଷଷ୍ଠ ଓ ସପ୍ତମ, ୮ମରୁ ୧୦ମ, ଯୁକ୍ତ ଦୁଇ ଓ ସିଟି ତାଲିମ ଗ୍ରହଣ କରିଥିବାର ପ୍ରମାଣପତ୍ର ୨୦୨୦ ମସିହା ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଅନ୍ୟଥା ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ ପୂର୍ବକ ଚୂଡ଼ାନ୍ତ ନିଷ୍ପତି ପର୍ଯ୍ୟନ୍ତ ତାଙ୍କର ଦରମା ବନ୍ଦ କରାଯିବ ବୋଲି ନିର୍ଦ୍ଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। ହେଲେ ଚିଠିରେ ଚିଠିରେ ତଦନ୍ତ ସରିଗଲା। ସଂପୃକ୍ତ ଶିକ୍ଷକଙ୍କ ବାସ୍ତବ ବୟସ ପ୍ରାୟ ୫୮ବର୍ଷ ହୋଇଥିବାବେଳେ ସାର୍ଟିଫିକେଟରେ ୧୦ ବର୍ଷ କମ୍ କରି ଦର୍ଶାଯାଇଛି ଅର୍ଥାତ ତାଙ୍କୁ ଏବେ ୪୮ ବର୍ଷ ହୋଇଛି। ସର୍ଭିସ ବୁକ୍ ଖୋଲିବା ଲାଗି ଆବଶ୍ୟକ କାଗଜପତ୍ର ମଗାଇବାରୁ କିଛିମାସ ପୂର୍ବରୁ ଏଭଳି ଚଂଚକତା ସାମ୍ନାକୁ ଆସିଥିଲା। ଏତେସବୁ ଜାଲିଆତି ସତ୍ୱେ ବି ବିଇଓଙ୍କ କାର୍ଯ୍ୟାଳୟର ଏକ ଗୋଷ୍ଠୀ ସମଗ୍ର ଘଟଣାକୁ ଚପାଇ ଦେଇଥିବାର ଦେଖାଯାଇଛି । ଗତ ୨୦୦୮ ମସିହା ଜୁଲାଇରେ ରାଜ୍ୟର ଅନ୍ୟ ଜିଲ୍ଲା ପରି କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୬୪୫ଜଣ ପ୍ରାର୍ଥୀ ଗଣଶିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ୮ବର୍ଷ ବ୍ୟବଧାନରେ ଚାକିରି ନିୟମିତ ହେବା ସହ ୫୪୧ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ମିଳିଥିଲା। ସେମାନଙ୍କ ମଧ୍ୟରେ ଉକ୍ତ ଶିକ୍ଷକ ପ୍ରମାଣପତ୍ରରେ ବୟସ ୧୦ବର୍ଷ କମ୍‌କରି ପାଠପଢ଼ିଥିଲେ ଆଉ ପରେ ଚାକିରି କରିଥିଲେ। ତାଙ୍କର ବାସ୍ତବ ବୟସ ୫୮ ବର୍ଷ ହୋଇଥିବାବେଳେ ସେ ପ୍ରମାଣପତ୍ରରେ ଭୁଲ ତଥ୍ୟଦେଇ ୧୦ ବର୍ଷ କମାଇ ୪୮ ବୋଲି ଦେଖାଇଥିଲେ। ଏବେ ତାଙ୍କ ପୁଅକୁ ଆସି ୩୩ ବର୍ଷ ହୋଇଥିବାବେଳେ ସେ ଜେଜେ ହୋଇସାରିଲେଣି। ସାର୍ଟିଫିକେଟ ବୟସକୁ ହିସାବ କଲେ ବିଭିନ୍ନ ପ୍ରକାର ବିଭ୍ରାଟ ଦେଖାଦେଇଛି। ଯଦି ତାଙ୍କରବୟସ ସାର୍ଟିଫିକେଟ ହିସାବରେ ଧରାଯାଏ ତା'ହେଲେ ସେ ୧୬ ବର୍ଷ ବୟସରେ ବିବାହ କରିଥିବେ। ଯଦି ବିବାହ ତା'ଠାରୁ ଅଧିକ ବୟସରେ କରିଥାଆନ୍ତି ତା'ହେଲେ ନିହାତି ଭାବେ ସାର୍ଟିଫକେଟ୍ ବୟସରେ ଭୁଲ୍‌ତଥ୍ୟଥିବ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷାବେଳେ ପ୍ରମାଣପତ୍ରରେ ୧୯୬୨ ବୋଲି ଦର୍ଶାଯାଇ ଥିବାବେଳେ ପରବର୍ତୀ ସମୟରେ ତାହା ୧୯୭୨ ମସିହା କେମିତି ହେଲା ? ତା' ହେଲେ ସେ ନିହାତି ଭାବେ ୧୬ ବର୍ଷ ବୟସରେ ବାପା ହୋଇଥିବେ। ଯଦି ୧୬ବର୍ଷ ବୟସରେ ସେ ବାପା ନହୋଇଥିବେ ତା' ହେଲେ ସେ ଚାକିରିକାଳ ବଢ଼ାଇବାକୁ ଏପରି କରିଥିବେ। କେନ୍ଦ୍ରାପଡ଼ା ଡିଇଓ ଶ୍ରୀ ସିଂଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଥିଲେ ଯେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଦୁର୍ନୀତିକୁ କଦାପି ପ୍ରଶୟ ଦିଆଯିବନି ବୋଲି।

## ଶ୍ୟାମ ଖୋସଲା ଥିଲେ ଭାରତୀୟ ସାମ୍ବାଦିକତା ଜଗତର ଉଜ୍ଜ୍ୱଳତମ ନକ୍ଷତ୍ର

ବ୍ରହ୍ମପୁର (ପିଏନ୍): ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ଶ୍ୟାମ ଖୋସଲା ଥିଲେ ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ ବୋଲି ସ୍ଥାନୀୟ ନବୀନ ଭବନ ପରିସରରେ ଆୟୋଜିତ ସ୍ମୃତିସଭାରେ ଏନୟୁଜେଆଇର ପୂର୍ବତନ ସମ୍ପାଦକ ତଥା ଉପସଭାପତି ରବି ରଥ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଦୀର୍ଘ ୫୦ ବର୍ଷ ଧରି ସ୍ୱର୍ଗତ ଖୋସଲା ବିଭିନ୍ନ ଖବରକାଗଜରେ କାର୍ଯ୍ୟ କରିବା ସହ ଜାତୀୟ ସାମ୍ବାଦିକ ୟୁନିଅନର ପ୍ରତିଷ୍ଠାତା ସଦସ୍ୟ, ଇଣ୍ଡିଆନ ମିଡିଆ ସେଣ୍ଟର ଓ ପଞ୍ଚଦ୍ ଗବେଷଣା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ସଂଗଠନକୁ କ୍ରିୟାଶୀଳ କରାଇଥିଲେ। ସେ ଥିଲେ ଅତ୍ୟନ୍ତ କର୍ମଠ, ନୀତିନିଷ୍ଠ, ସଂଗ୍ରାମୀ, ବର୍ଷିୟାନ ସାମ୍ବାଦିକ, ବିଶିଷ୍ଟ ଶ୍ରମିକ ନେତା। ପ୍ରେସ୍ କାଉନସିଲର ଓ ସାମ୍ବାଦିକ ମଜୁରୀ ବୋର୍ଡ଼ର ସଦସ୍ୟ ଭାବେ କାର୍ଯ୍ୟକରି ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଅହରହ ଉଦ୍ୟମ କରି ଆସୁଥିଲେ। ସାମ୍ବାଦିକତା ବୃତ୍ତିରେ ଅବକ୍ଷୟ ଧାରାକୁ ସେ ଅନବରତ ବିରୋଧ କରି ଆସିବା ସହ ସାମ୍ବାଦିକଙ୍କ ଲକ୍ଷ୍ୟ ଓ ଆଦର୍ଶ ବଜାୟ ରଖିବା ପାଇଁ ସେ ସବୁବେଳେ ଉଦ୍ୟମରତ ଥିଲେ। ଇଂରାଜୀ ଖବର କାଗଜ ଟ୍ରିବ୍ୟୁନରେ ସେ ବହୁବର୍ଷ ଧରି କାର୍ଯ୍ୟ କରିବା ସହ ଚଣ୍ଡିଗଡ଼ ପ୍ରେସ କ୍ଲବର ପ୍ରତିଷ୍ଠାତା ଥିଲେ। ୧୯୭୫ ଭାରତର ଜରୁରୀ ପରିସ୍ଥିତିରେ ଗଣତନ୍ତ୍ର ସୁରକ୍ଷା ପାଇଁ ଲଢ଼େଇ କରି ୧୯ ମାସ ଧରି କାରାବରଣ କରିଥିଲେ। ସାମ୍ବାଦିକମାନଙ୍କ ପ୍ରେରଣାଦାତା ଭାବେ ସେ ସମସ୍ତଙ୍କୁ ଉତ୍ସାହିତ କରି ଆସୁଥିଲେ। ଖୋସଲାଙ୍କ ପରଲୋକ ହୋଇଯାଇଥିଲେ ମଧ ତାଙ୍କ ବିଚାରଧାରା ସବୁଦିନ ପାଇଁ ସାମ୍ବାଦିକମାନଙ୍କୁ ପ୍ରେରଣା ଯୋଗାଇ ଆସୁଥିବ ବୋଲି ଶ୍ରୀ ରଥ ପ୍ରକାଶ କରିଥିଲେ। ପ୍ରଥମେ ସାମ୍ବାଦିକ ସୁଶାନ୍ତ କର ଶୋକ ପ୍ରସ୍ତାବ ଆଗତ କରି ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ। ଅନ୍ୟମାନଙ୍କ ମଧରେ ଜଳବାୟୁ ବିଜ୍ଞାନୀ ଡ଼. ଡ଼ମ୍ବରୁଧର ସାହୁ, ବିଶିଷ୍ଟ ସମାଜସେବୀ ତଥା ଭଗବତ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଶିକ୍ଷକ ସଂଘର ନେତା ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଗଞ୍ଜାମ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସୁଦତ୍ତା ରଥ, ଆଡ଼ଭୋକେଟ ଅବନୀ ଗୟା, ପ୍ରଣବ ପଣ୍ଡା, ରଞ୍ଜନ କୁମାର ସାହୁ, ବି. ସତ୍ୟମ ଆଚାରୀ, ସମାଜସେବୀ ରାମକୃଷ୍ଣ ପାତ୍ର, ଏଚଏମଏସ ନେତା ସତ୍ୟ ନାରାୟଣ ତ୍ରିପାଠୀ, ସମାଜସେବୀ ଗଗନ ଚନ୍ଦ୍ର ମଲିକ, ନବୀନର ପ୍ରକାଶିକା ମଞ୍ଜୁ ରଥ, ପବିତ୍ର ଚୌଧୁରି, ବିଶ୍ୱଦେବ ପ୍ରମୁଖ ସ୍ମୃତିଚାରଣ କରିବା ସହ ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ।

## DISPLAY CLASSIFIED


FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.KG. & U.KG.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web :www.maharishipublicschool.com

Mahaditya Publication

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

Phagun Communication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## କେନ୍ଦ୍ରାପଡା ଭାରତୀୟ ମାନବାଧିକାର ପରିଷଦର କୋଭିଡ ସଚେତନତା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ମାନବଧିକାର ପରିଷଦ ପକ୍ଷରୁ ଗରଦପୁର ବ୍ଲକରେ ଏକ କୋଭିଡ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପଦ୍ମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କଳ୍ପନା ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ । ପରିଷଦର ଜାତୀୟ ସଭାପତି ପୁର୍ଣ୍ଣଚନ୍ଦ୍ର ସାହୁ, ଜାତୀୟ ସମ୍ପାଦକ ଚିତ୍ତରଞ୍ଜନ ତରାଇ, କେନ୍ଦ୍ରାପଡା ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ଆଇନ ପରାମର୍ଶ ଦାତା ସୌମ୍ୟ ଧଳ, ସମ୍ପାଦକ ଧନେଶ୍ୱର ପଟ୍ଟନାୟକ, ସଂଯୋଜକ ପ୍ରଦୀପ ବରାଳ ପ୍ରମୁଖ ଯୋଗଦେଇ କୋଭିଡ ନିୟମ ପାଳନ ନିମନ୍ତେ ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର, ସାମାଜିକ ଦୂରତା ରକ୍ଷା ଏବଂ ଅସହାୟ ବ୍ୟକ୍ତିମାନଙ୍କୁ ଶୁଖିଲା ଖାଦ୍ୟ ପରିବେଷଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ବେହୁରା, ରଶ୍ମୀରଞ୍ଜନ ସ୍ୱାଇଁ, ନିରଞ୍ଜନ ଶତପଥୀ, ଶୁଭମ ପାଣି, ଶିବପ୍ରସାଦ ପାଣି, ଚନ୍ଦ୍ରକାନ୍ତ ମିଶ୍ର, ବିଜେତା ସାମଲ, ଶୁଭଲକ୍ଷ୍ମୀ ମହାନ୍ତି, ରୀତାଞ୍ଜଳି ନାୟକ, ସୁନିତା ମାନା ଓ ସୁନିତା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଟରାପାଟଣା ସାଇ ମନ୍ଦିରରୁ ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଚାଟରାପାଟଣାର ସାଇ ମନ୍ଦିରର ହୁଣ୍ଡିର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ସେଥିରେ ଥିବା ଟଙ୍କା ଚୋରୀ କରିନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ଗତ ସୋମବାର ବିଳମ୍ବିତ ରାତିରେ ସାଇ ମନ୍ଦିରର ବାହାରେ ଥିବା ହୁଣ୍ଡିକୁ ଭଙ୍ଗାଯାଇ ସେଥିରେ ଥିବା ଟଙ୍କାକୁ କେହି ଚୋରି କରିନେଇଥିବା ସମ୍ପର୍କରେ ଅଭିଯୋଗ ପାଇ ଟାଉନ ଥାନା ସବଇନିସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି ।

## ଗଣଧାରଣା ପ୍ରତ୍ୟାହାର କଲେ ବାରୋ ପଞ୍ଚାୟତବାସୀ




କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲାପାଳଙ୍କଠାରୁ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶୃତି ମିଳିବା ପରେ ଗଣଧାରଣାକୁ ପ୍ରତ୍ୟାହାର କରିନେଇଛନ୍ତି ବାରୋ ଗ୍ରାମପଞ୍ଚାୟତବାସୀ। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଗଣଧାରଣାରେ ବାରୋ ପଞ୍ଚାୟତବାସୀ ବସିବା ପରେ କେନ୍ଦ୍ରାପଡା ବ୍ଲକର ବିଡିଓଙ୍କ ନିର୍ଦ୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ତଦନ୍ତ କରି ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ବାରୋ ନବୋଦୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କାର୍ଯ୍ୟରେ ବହୁ ବେଆଇନ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ ଥିଲା । କିନ୍ତୁ ସେହି ରିପୋର୍ଟ ଉପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏହାବ୍ୟତିତ ସେହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଧ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଥିଲା । ବାରୋ ପଞ୍ଚାୟତରେ ହୋଇଥିବା ସମସ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଚାଲୁରହିବ ବୋଲି ଧାରଣାକାରୀମାନେ କହିଥିଲେ । ଗତ ସୋମବାର ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲିପ କୁମାର ପରିଡା ଓ କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଭାଗୀରଥି ଜେନା, ନାଏବ ସରପଞ୍ଚ ବସନ୍ତ ନାୟକ ଓ ହେମନ୍ତ ପରିଡା ପ୍ରମୁଖ ଏକ ଆଲୋଚନା ବୈଠକରେ ଯୋଗ ଦେଇଥିଲେ । ଅଭିଯୋଗ ଉପରେ ଆଲୋଚନା ପରେ ଜିଲ୍ଲାପାଳ ଶ୍ରୀ ଋତୁରାଜ ବାରୋ ପଞ୍ଚାୟତର ଦୁର୍ନୀତିରେ ଲିପ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଧାରଣାକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ପ୍ରତିନିଧିମାନଙ୍କୁ ପ୍ରତିଶୃତି ଦେଇଥିଲେ । ଏହାପରେ ପିଡି ଶ୍ରୀ ପରିଡା ଓ ବିଡିଓ ଶ୍ରୀ ଦାସ ଧାରଣାସ୍ଥଳକୁ ଆସି ଗଣଧାରଣାରେ ବସିଥିବା ଧାରଣାକାରୀମାନଙ୍କୁ ଜିଲ୍ଲାପାଳଙ୍କ ପକ୍ଷରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ପର୍କରେ ପ୍ରତିଶୃତି ରଖିବାରେ ଧାରଣାକାରୀମାନେ ଧାରଣାକୁ ପ୍ରତ୍ୟାହାର କରିନେଇ ଧାରଣାସ୍ଥଳରୁ ଉଠିଯାଇଥିଲେ ।

## ଖବରକାଗଜ ହକର ତଥା କର୍କଟ ରୋଗୀଙ୍କୁ ନିସ୍ତୁକ ମାଡ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ଗ୍ରାମର ଜଣେ ବରିଷ୍ଠ ଖବରକାଗଜ ହକର ବାବାଜୀ ବେହେରା ଓ ତାଙ୍କ ଝିଅ ପ୍ରମିଳା ବେହେରାଙ୍କୁ ତାଙ୍କ ପଡିଶା ନିସ୍ତୁକ ମାଡ ମାରି ଲହୁଲୁହାଣ କରି ଦେଇଥିବା କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ ହୋଇଛି । କୌଣସି କାରଣରୁ ପଡିଶା ଜଣକ ବାବାଜୀକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କ ଝିଅ ପ୍ରତି ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ । ଏହାର ପ୍ରତିବାଦ କରିବାରୁ ପଡିଶା ଘର ବାପ ପୁଅ ଦୁହେଁ ମିଶି ବାବାଜୀ ଓ ତାଙ୍କ ଝିଅ ଭଗବତୀ ବେହେରାଙ୍କୁ ତାଙ୍କ ଘର ଆଗରେ ନିସ୍ତୁକ ମାଡ ମାରିବାରୁ ଗୁରୁତର ଅବସ୍ଥାରେ ବାବାଜୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ଭତ୍ତା ହିତାଧିକାରୀ ଭତ୍ତା ନପାଇବାରୁ ଅସନ୍ତୋଷ

କେନ୍ଦ୍ରାପଡା (ପିଏନ୍): ଭତ୍ତାହିତାଧିକାରୀମାନେ ଭତ୍ତା ନପାଇବାରୁ ସେମାନଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ସରକାରଙ୍କ ଯୋଜନା ଅନୁଯାୟୀ ପ୍ରତ୍ୟେକ ମାସର ୧୫ ତାରିଖରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ହିତାଧିକାରୀମାନେ ସେମାନଙ୍କ ଭତ୍ତା ପାଇଥାନ୍ତି । କିନ୍ତୁ କେନ୍ଦ୍ରାପଡା ପୌରାଞ୍ଚଳରେ ଚଳିତ ମାସର ୧୫ତାରିଖରେ ଭତ୍ତା ହିତାଧିକାରୀମାନେ ଭତ୍ତା ପାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି ।




## ଦରଦାମ ବୃଦ୍ଧି ପ୍ରତିବାଦରେ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ଖଣ୍ଡପଡା : କରୋନା କାଳରେ ଖାଉଟି ସାମଗ୍ରୀ ସାଙ୍ଗକୁ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ଦରଦାମ ବୃଦ୍ଧିକୁ ରୋକିବା ଦିଗରେ ସରକାର ବିଫଳ ହୋଇଛନ୍ତି। ଦରଦାମ ବୃଦ୍ଧି ପ୍ରତିବାଦରେ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ହାତରେ ପ୍ଲାକାର୍ଡ ଧରି ଧାରଣା ଦେବା ସହ ନାରାବାଜି କରିଥିଲେ । ଏପରିକି ଦରଦାମ ନିୟନ୍ତ୍ରଣ ଦିଗରେ ସରକାରଙ୍କ ବିଫଳତାକୁ ନେଇ ଦଳୀୟ କର୍ମୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ଖଣ୍ଡପଡା ବ୍ଲକ କଂଗ୍ରେସ ସଭାପତି ଦେବବ୍ରତ ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଧାରଣାରେ ସାମିଲ ହୋଇଥିଲେ । ପରେ ଦଳୀୟ କର୍ମୀମାନେ ଖଣ୍ଡପଡା ଗ୍ରାମ୍ୟଉନ୍ନୟନ ବିଭାଗ କାର୍ଯ୍ୟାଳୟ ଓ ବିଦ୍ୟୁତ ବିତରକ କମ୍ପାନୀ(ଟିପିସିଓଡିଏଲ) କାର୍ଯ୍ୟାଳୟକୁ ଯାଇ ଅଂଚଳବାସୀଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । କଂଗ୍ରେସ ଦଳ ପକ୍ଷରୁ ଅନୁଷ୍ଠିତ ଗଣ ଧାରଣାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିଲା।

## ଜିପିୟୁ ବିଦ୍ୟାପୀଠରେ ଯୋଗଦେଲେ ନୂତନ ପ୍ରଧାନଶିକ୍ଷକ

ଭଦ୍ରକ: ମଞ୍ଜୁରୀରୋଡ ଗିରିଧାରୀ ପଣ୍ଡା ଉଚ୍ଚବିଦ୍ୟାପୀଠରେ ନୂତନ ପ୍ରଧାନଶିକ୍ଷକ ଭାବେ କୈଳାସ ଚନ୍ଦ୍ର ଜେନା ଆଜି କାର୍ଯ୍ୟରେ ଯୋଗଦେଇଛନ୍ତି। ୫ ଟି ଅଧିନରେ ଆକାଂକ୍ଷା ବିଦ୍ୟାଳୟର ମାନ୍ୟତା ପାଇଥିବା ଏହି ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲିପଡିଥିଲା। ପ୍ରଧାନଶିକ୍ଷକ ପଦବୀ ପୂରଣ ପାଇଁ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ପକ୍ଷରୁ ଦାବି କରାଯାଇଥିଲା। ଶ୍ରୀ ଜେନା ବିଦ୍ୟାଳୟରେ ଯୋଗଦେବା ଅବସରରେ ପୁରାତନଛାତ୍ର ସଂସଦ ଉପସଭାପତି ବିଶ୍ୱନାଥ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତନ କୁମାର ରାଉତ, ସଦସ୍ୟ ମାନସ ରଞ୍ଜନ ଜେନା, ବରିଷ୍ଠ ଶିକ୍ଷକ ଅନନ୍ତ ଚରଣ ନାୟକ, ସନାତନ ଖଣ୍ଡାଇ, ରୋଜାଲିଡି ଜେନା, ରଶ୍ମିତା ସେଠୀ, ଅଞ୍ଜନା ଜେନା, ସଞ୍ଜିତ ଦାସ, ଦୁଃଖିଶ୍ୟାମ ଦେହୁରୀ ପ୍ରମୁଖ ଶିକ୍ଷକ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପ୍ରଧାନଶିକ୍ଷକ ପଦବୀ ପୂରଣ କରାଯାଇଥିବାରୁ ସରକାରଙ୍କୁ ଧନ୍ୟବାଦ ଦିଆଯିବା ସହ ବିଦ୍ୟାଳୟର ଶିକ୍ଷାଦାନ ଓ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା ପ୍ରକାଶ କରାଯାଇଛି।

## ବେଆଇନ ପଥର ଚାଲାଣ, ଟ୍ରାକ୍ଟର ଜବତ

ଖଣ୍ଡପଡା: ଖଣ୍ଡପଡା ତହସିଲ ପ୍ରଶାସନ ସ୍ଥାଣୁତାର ସୁଯୋଗ ନେଇ ଖଣ୍ଡପଡା ଓ ଏହାର ଆଖପାଖ ଅଂଚଳରେ ପଥରମାଫିଆ ମାନେ ବେଶ ସକ୍ରୀୟ ହୋଇ ଉଠିଛନ୍ତି । ମଙ୍ଗଳବାର ରାତିରେ ଏକ ଟ୍ରାକ୍ଟର ଯୋଗେ ଚୋରାରେ ପଥର ଚାଲାଣ ହେଉଥିବା ବେଳେ ଖଣ୍ଡପଡା ପୋଲିସ ଅଚାନକ ଚଢାଉ କରି ଶାଳଝରିଆ-ଗୁଣ୍ଠୁଣି ରାସ୍ତାରେ ଉକ୍ତ ପଥର ବୋଝେଇ ଟ୍ରାକ୍ଟରଟିକୁ ଜବତ କରି ଖଣ୍ଡପଡା ଥାନା ପରିସରରେ ଅଟକ ରଖିଥିବା ଜଣାଯାଇଛି । ପୋଲିସ ଦ୍ୱାରା ଜବତ ଟ୍ରାକ୍ଟରଟିର କାଗଜପତ୍ର ଯାଂଚ କରାଯିବା ସହ ଜୋରିମାନା ବାବଦରେ ୨୩ ହଜାର ଟଙ୍କା ଆଦାୟ କରାଯାଇଥିବା ଖଣ୍ଡପଡା ତହସିଲଦାର ପାର୍ଥ ସାରଥୀ ହାଁସଦାଙ୍କ ଠାରୁ ପ୍ରକାଶ ।

## ଯାନବାହାନ ଚଳାଚଳ ପାଇଁ ପୁଣି ୩୦ଦିନ ପାଇଁ କଟକଣା ଲାଗୁ

ବାଲେଶ୍ୱର: ଗତ ତା.୦୨.୦୬.୨୦୨୧ରିଖରୁ ତା.୦୧.୦୭.୨୦୨୧ରିଖ ପର୍ଯ୍ୟନ୍ତ ୩୦ ଦିନ ପାଇଁ ବାଲେଶ୍ୱର ସହରର କେତଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରି ଯାନ ଚଳାଚଳ ନେଇ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଥିଲା। ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଅନୁମୋଦିତ ଆଦେଶ ନାମା ଅନୁଯାୟୀ ଉକ୍ତ କଟକଣାକୁ ନେଇ ତା.୦୫.୦୭.୨୦୨୧ରିଖଠାରୁ ତା.୦୩.୦୮.୨୦୨୧ରିଖ ପର୍ଯ୍ୟନ୍ତ ୩୦ ଦିନ ପାଇଁ ଲାଗୁ କରାଯାଇଛି। ଦୁର୍ଘଟଣା, ଜୀବନହାନି, ଟ୍ରାଫିକ ଗହଳି ହ୍ରାସ କରାଯିବା ଉଦ୍ଦେଶ୍ୟରେ ଲାଗୁ କରାଯାଇଥିବା ଏହି କଟକଣା ସମ୍ପୃକ୍ତ କେତଟି ନିର୍ଦ୍ଦିଷ୍ଟ ରାସ୍ତା ପାଇଁ ସକାଳ ୮.୩୦ ମିନିଟରୁ ରାତ୍ର ୧୦ଘଣ୍ଟା ପର୍ଯ୍ୟନ୍ତ ଜାରି ରହିବ। ଆଇଟିଆଇ ଛକରୁ ଭାୟା ବାଲେଶ୍ୱର ବସଷ୍ଟାଣ୍ଡ, ଏଫଏମ ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫଏମ ଗୋଲେଇ ଦେଇ ହେମକାପଦା ଛକ, ଫକୀର ମୋହନ ଗୋଲେଇରୁ ଭାୟା ଫଣ୍ଡି ଛକ, ଚିଡ଼ିଆ ପୋଲ, ସଦରମହକୁମା ଡ଼ାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡ଼ିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜା ପୋଖରୀ ଛକରୁ ଭାୟା ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢାକାର୍ତ୍ତିକ ଛକ, ମିର୍ଜା ପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ନେଇ ବେବିଲୋନ ଛକ, ଟେକ୍ନିକାଲ ସ୍କୁଲ ଛକରୁ ଭାୟା ଏଡ଼ିଏମ ଛକ, ରାଜା ବଗିଚା ଦେଇ ନାରୀ ସଂଘ, ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପତୁଆଁପଦା ଛକ, ହରିପୁର ଛକରୁ ଭାୟା ଦରଜି ପୋଖରୀ, ଚୂନଭାଟି ଦେଇ ମିର୍ଜା ପୋଖରୀ ଛକ ପର୍ଯ୍ୟନ୍ତି ରାସ୍ତାଗୁଡ଼ିକରେ ଭାରି ଯାନ ଚଳାଚଳ ନେଇ ଏହି କଟକଣା ଲାଗୁ କରାଯାଇଛି।

## ଲିଜ୍‌ଧାରୀ ଚୟନରେ ଅନିୟମିତତା ଅଭିଯୋଗ

ହାଟଡିହି(ପିଏନ)-କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ତରଫରୁ ଅଗଷ୍ଟ ମାସ ୨୫ତାରିଖ ଚିଠି ନଂ ୫୬୪୦ ଅନୁସାରେ ତିନୋଟି ବାଲିଘାଟ ଲିଜ୍ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥି ମଧ୍ୟରୁ ଆଇତିପୁର ପଂଚାୟତ ଅମୃତପୁର ବୈତରଣୀ ନଦୀ ବାଲିଘାଟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଯାହାର ଖାତା ନଂ ୧୬୨ ଏବଂ ପ୍ଲଟ୍ ନମ୍ବର ୯୮୩/୯୮୯ ଅଟେ । ମୋଟ୍ ୧୦ଜଣ ଟେଣ୍ଡରଧାରୀ ଅଂଶଗ୍ରହଣ କରିଥିଲେ । ସେପ୍ଟେମ୍ବର ୨୪ତାରିଖ ଟେଣ୍ଡର ଖୋଲା ଯାଇଥିଲା । ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହ ଅଧିକ ମୂଲ୍ୟରେ ଟେଣ୍ଡର ପକାଇ ଥିବା ବ୍ୟକ୍ତିଙ୍କ ନାମ କ୍ରମାନୁସାରେ ପ୍ରକାଶ ପାଇଥିଲା । କିନ୍ତୁ ଡକ୍ୟୁମେଣ୍ଟ ଠିକ୍ ନଥିବା ଟେଣ୍ଡରଧାରୀଙ୍କୁ ଚୟନ କରାଯାଇଥିଲା । ଅନ୍ୟ ଜଣେ ଟେଣ୍ଡରଧାରୀ ବିଶ୍ୱଜିତ୍ ଦାସ ଅଭିଯୋଗ କରିଛନ୍ତି । ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ନିଜର ଅଭିଯୋଗ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଓ ହାଟଡିହି ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ଉଚିତ୍ ପଦକ୍ଷେପ ନିଆ ନଗଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ବିଶ୍ୱଜିତ୍ ପ୍ରକାଶ କରିଛନ୍ତି ।

## ଖଣ୍ଡପଡା ପୋଲିସ ପକ୍ଷରୁ କରୋନା ସଚେତନତା

ଖଣ୍ଡପଡା:ଖଣ୍ଡପଡା ପୋଲିସ ପକ୍ଷରୁ କରୋନା ସଂପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି । କରୋନା କଟକଣାକୁ ନମାନି ବାହାରେ ବୁଲୁଥିବା ଅମାନିଆ ବ୍ୟକ୍ତିମାନଙ୍କୁ ପୋଲିସ ଏ ସଂପର୍କରେ ସଚେତନ କରିବା ସହ ମାସ୍କ ପିନ୍ଧାଇ ଛାଡୁଥିବା ନଜରକୁ ଆସିଛି । ଖଣ୍ଡପଡା ବାଇପାସ ରାସ୍ତା ସମେତ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ କଡାକଡି ଯାଂଚ କରାଯିବା ସହ ଜୋରିମାନା ଆଦାୟ କରାଯାଉଛି । ଆଇଆଇସି ବିଶ୍ୱଜିତ ରାଉତରାୟ ଓ ଏସଆଇ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଥିବା ଜଣାଯାଇଛି ।

## ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର,(ପିଏନ)- ଓ ଡି ଶ । ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ୯୦ତମ ରାଜ୍ୟ ପରିଷଦ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି । ରାଜ୍ୟ ସଭାପତି ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ର, ଓଡ଼ିଶା ସରକାରଙ୍କର ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ରଥ, ରାଜ୍ୟ ଗାଇଡ୍ କମିଶନର ଡଃ ଶ୍ରୀମତୀ ସିପ୍ରା ନାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ. ବିଶ୍ୱଜିତ୍ ଘୋଷ, କାଉନ୍‌ସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ ଉପ ସଭାଧ୍ୟକ୍ଷ ଶ୍ରୀ ବୃନ୍ଦାବନ ଶତପଥୀ, ରାଜ୍ୟ ସଂପାଦକ ଶ୍ରୀ ରାମମୂର୍ତ୍ତି ଦୋରା, କୋଷାଧ୍ୟକ୍ଷ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଏବଂ ପରିଷଦର ବହୁ ସଦସ୍ୟ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଦିବଂଗତ ସ୍କାଉଟ ବ୍ୟକ୍ତିତ୍ୱମାନଙ୍କ ଉଦ୍ଦେଶ୍ୟରେ ଏକମିନିଟ୍ ନିରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ରଙ୍କ ଦ୍ୱାରା ବର୍ଷ ବ୍ୟାପୀ ରାଜ୍ୟ ସଂଗଠନ ଦ୍ୱାରା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ କରାଯାଇଥିବା ବହୁମୁଖି କାର୍ଯ୍ୟ ସମ୍ପାଦନ ଦ୍ୱାରା ରାଜ୍ୟ ସଂଗଠନ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଉପରେ ସଭ୍ୟମାନଙ୍କୁ ଆଲୋକପାତ କରିଥିଲେ ।

## ୫୦ କିଗ୍ରା ଗଞ୍ଜେଇ ସମେତ କାର୍, ବାଇକ୍ ଜବତ : ୪ ଗିରଫ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ସେହି ଅଂଚଳର ପେନାଗିରୀ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର୍ ଭିତରୁ ଦୁଇଟି ବସ୍ତାରେ ଚାଲାଣ ହେଉଥିବା ୫୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ, ଆଜି ଫିରିଙ୍ଗିଆ ଥାନା ପୋଲିସ କୌଣସି ସୂତ୍ରରୁ ଏହି ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ସେଠାରେ ଗାଡି ସବୁ ତଲାସି କରୁଥିବା ବେଳେ ସେଠାରେ ଗୋଟିଏ ଧଳା ରଙ୍ଗର ଇଣ୍ଡିଗୋ କାର୍ ନଂ (ଓଆର-୦୨ବିଟି-୧୭୨୬) ଆସିଥିଲା । ସେହି ଗାଡିକୁ ତଲାସି କରିବା ପରେ ପୋଲିସ ସେଥିରୁ ଏହି ଗଞ୍ଜେଇ ପାଇଥିଲା । ସେହି ଗଞ୍ଜେଇ ବୋଝେଇ କାରକୁ ଏସକଟରେ ନେଇ ଆସୁଥିବା ଏକ ଟିଭିଏସ ଆପାଚେ ବାଇକ୍ ନଂ (ଓଡି-୨୫-ଏଚ ୮୫୮୩)କୁ ମଧ୍ୟ ପୋଲିସ ଜବତ କରିଛି । ମାମଲାରେ ଅଭିଯୁକ୍ତ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳର ଦିଲ୍ଲିପ କୁମାର ସାହୁ (୪୧), ଦେବାଶିଷ ସାହୁ(୨୬), ପ୍ରତାପ ବେହେରା(୨୫) ଏବଂ ଫିରିଙ୍ଗିଆ ଥାନା ଅଂଚଳର ବଣ୍ଡଗୁଡା ଅଂଚଳର ଆଲୋକ ନାୟକଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ତେବେ ସେମାନେ ଏହି ଗଞ୍ଜେଇକୁ ନୟାଗଡ ଜିଲ୍ଲାକୁ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି ।

## ଗଜପତି ଜିଲ୍ଲାରେ ୨୭୯୨ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲାକୁ ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ୧୫ ହଜାର ୮୧୯ ଜଣ ପ୍ରବାସୀ ଫେରିଛନ୍ତି । ସମ୍ପ୍ରତି ଜିଲ୍ଲାରେ ୧୨ଟି ଅସ୍ଥାୟୀ କ୍ୱାରେଂଟାଇନ ସେଂଟର କାର୍ଯ୍ୟ କରୁଛି । ୧୦୭ ଜଣ ବର୍ତମାନ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହୁଛନ୍ତି । ୧୫ ହଜାର ୭୧୨ ଜଣ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହି ସାରିଛନ୍ତି ।

ସେହିପରି ୧୪ ହଜାର ୩୬୮ ଜଣ ନିଜ ନିଜର କ୍ୱାରେଂଟାଇନ ଅବଧି ଶେଷ କରିବା ପରେ ସେମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ସରକାରୀ ସହାୟତା ପ୍ରଦାନ କରାଯାଇଛି । ୨୫୮୮୭ ଜଣଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି । ୨୫୬୪୩ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି । ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ୍ ପଜିଟିଭ୍ କେସ୍ ସଂଖ୍ୟା ୨୯୧୦ ରହିଛି । ୮୨ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର୍ ସେଂଟରରେ ଚିକିତ୍ସାଧିନ ରହିଛନ୍ତି । ୧୭ ଜଣ ହୋମ୍ ଆଇସୋଲେସନରେ ରହିଛନ୍ତି । ୨୭୯୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ଅନୁରୂପ ଭାବେ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୮ ରହିଛି । ଜଣକର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାରୀ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

## ୧୩ ଲକ୍ଷ ଟଙ୍କା ଠକେଇ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ବାଲିଆ ଗ୍ରାମର ୩ଜଣ ବ୍ୟକ୍ତି ଏକ ଠକ ସଂସ୍ଥା ଗଠନ କରି ମହିଳା ମାନଙ୍କ ଠାରୁ ପ୍ରାୟ ୧୩ ଲକ୍ଷ ଟଙ୍କା ଠକି ନେଇଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି । ସେହି ଗ୍ରାମର ମମତା ରାଉତ , ସୁମିତ୍ରା ସ୍ୱାଇଁ, ବାସନ୍ତୀ ନାୟକ , ମମତା ଗାହାଣ, ନୟନା ସ୍ୱାଇଁ, ଅର୍ଚ୍ଚନା ଗାହାଣ, ରୁବିନା ରାଣୀ ରାଉତ ଓ ମୀନତି ନାୟକ ପ୍ରମୁଖ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଅଭିଯୋଗ ପତ୍ର ଦେବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ସଦର ଥାନା ଅଧିନ ବସୁପୁର ଗ୍ରାମର ଅକ୍ଷୟ କୁମାର ମଲିକ, ସରୋଜିନୀ ମଲିକ ଓ ଅଶ୍ୱନି ମଲିକ ଏକ ଜାଲ୍ ସଂସ୍ଥା ଗଠନ କରି ଟଙ୍କା ଲଗାଇ ଅଧିକ ଲାଭ ପାଇବା ପାଇଁ ମହିଳା ମାନଙ୍କୁ ପ୍ରଲୋଭିତ କରିଥିଲେ । ଏହି ମହିଳା ମାନେ ପ୍ରାୟ ୧୩ ଲକ୍ଷ ଟଙ୍କା ସଂପୃକ୍ତ ବ୍ୟକ୍ତି ମାନଙ୍କୁ ଦେବାପରେ ସେମାନେ ଆଉ ଟଙ୍କା ପରିଶୋଧ କରିବାର ନାମ ଧରୁ ନାହାଁନ୍ତି । ଏନେଇ ପୂର୍ବରୁ ମହାକାଳପଡା ଥାନାରେ ଅଭିଯୋଗ କରା ଯାଇଥିଲେ ମଧ୍ୟ ପୋଲିସ ନାମକୁ ମାତ୍ର ୧୯୩/୨୦ରେ ମାମଲା ରୁଜୁ କରି ହାତ ବାନ୍ଧି ବସି ରହିଛି । ଏଣୁ ମହିଳା ମାନେ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି କରିବା ସହିତ ତାଙ୍କର ଟଙ୍କା ଆଦାୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ନିକଟରେ ଦାବି କରିଛନ୍ତି ।

## ଭୁବନ ସିଏଚସିରେ ଆଜି ୬୧ ଜଣଙ୍କ ଆଂଟିଜେନ ଟେଷ୍ଟ

ଭୁବନ, (ପିଏନ) – ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ। ତେବେ ଆଜି ସୁଦ୍ଧା ୧୪୮୪ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ(ପଜିଟିଭ)ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ଶହରେ ପହଁଚିଥିବାରୁ ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ କରିଛନ୍ତି ।

## ୧୯ ଲିଟର ବିଦେଶୀ ଚୋରା ମଦ ଜବତ, ୩ ଗିରଫ

କେନ୍ଦ୍ରାପଡା, (ପିଏନ)-କୋଭିଡ-୧୯ କଟକଣା ଲାଗୁ ହୋଇଥିବା ବେଳେ ଚୋରା ମଦ ବ୍ୟବସାୟୀ ମାନେ ସେମାନଙ୍କ ବ୍ୟବସାୟକୁ ଜୋରଦାର ବଢାଇ ଦେଇଛନ୍ତି । କେତେକ ବ୍ୟବସାୟୀ ଭ୍ରାମ୍ୟମାଣ ମଦ ଦୋକାନ ଖୋଲି ଗ୍ରାମାଂଚଳର ବିଭିନ୍ନ ସ୍ଥାନରେ ସେମାନଙ୍କ ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି । ଏଭଳି ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ ଓ ଅବକାରୀ ସୁପରିଟେଣ୍ଡ ବାସନ୍ତୀପ୍ରଭା ନାୟକଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ଗୁରୁବାର ଚଢାଉ କରି ତିନିଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଜବତ କରିଥିବା ଜଣା ପଡିଛି । ଗିରଫ ଆସାମୀ ମାନେ ଚାନ୍ଦୋଳର ଧିରେନ୍ ମଲିକ(୫୨) , ନରିଲୋ ଗାଁର ଗୋକୁଳାନନ୍ଦ ଜେନା(୪୫) ଓ ଗୁଲନଗର ଗ୍ରାମର ଜଳଧର ସେଠୀ (୩୩)ଙ୍କୁ ପିଆର କେସ୍ ନଂ-୭/୨୦,୮/୨୦ ଓ ୯/୨୦ ଆଧାର ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି ।

## ମାଲକାନଗିରି ଜିଲ୍ଲାରେ ଆଉ ୧୭ କରୋନା ପଜିଟିଭ୍ ଚିହ୍ନଟ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୧୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୪୯୦ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ କେୟାର ସେଂଟରରେ ଭର୍ତି କରାଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୯ ଜଣ, ବାଲିମେଳା ଏନଏସିରୁ ଜଣେ, ମାଥିଲି ବ୍ଲକରୁ ୨ ଜଣ, ମାଲକାନଗିରି ବ୍ଲକରୁ ଜଣେ, କୋରକୁଣ୍ଡାରୁ ଜଣେ, କାଲିମେଳା ବ୍ଲକରୁ ୨ ଜଣ ଚିତ୍ରକୋଣ୍ଡା ବ୍ଲକରୁ ଜଣେ ଆକ୍ରାନ୍ତ ରହିଛନ୍ତି । ଏମାନଙ୍କ ମଧ୍ୟରେ ୪ ଜଣ କରୋନା ଯୋଦ୍ଧା ରହିଛନ୍ତି । ଆଜି ଚିହ୍ନଟ ୧୭ ଆକ୍ରାନ୍ତଙ୍କ ମଧ୍ୟରୁ ୧୫ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ଦୁଇ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲ୍ଲାରେ ୨ ୧୧୦ ଆକ୍ରାନ୍ତ ସୁସ୍ଥ ହେଲେଣି। କରୋନାଜନିତ ସକ୍ରିୟ ମାମଲା ୩୭୩ ରହିଛି । ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୭ ରହିଛି ।

## ଭାଗବତପୁର ପଂଚାୟତରେ ବୃକ୍ଷ ରୋପଣ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଂଚାୟତର ସିଙ୍ଗିରୀ ଗ୍ରାମ, ବାଲିଆ ତରାପୁର ଆରଡି ରାସ୍ତାର ଉଭୟ ପାର୍ଶ୍ୱରେ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ରେ ବୃକ୍ଷ ରୋପଣ କରାଯାଇ ଥିବା ଜଣାପଡିଛି । କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମ ବନ୍ଧୁ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ । ବିଡିଓ ସୁଧିର ସିଂ ସମ୍ମାନିତ ଅତିଥି, ସରପଂଚ ଧରଣୀଧର ବେହେରା, ସମିତିସଭ୍ୟ ଧିରେନ୍ଦ୍ର ନାଥ ସ୍ୱାଇଁ , ଭରତପୁର ସମିତି ସଭ୍ୟ ହେମନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ଆଗାମୀ ଦିନରେ କେନ୍ଦ୍ରାଡା ବ୍ଲକ ଅଧିନ ପ୍ରାୟ ୧୫୦ କିମି ରାସ୍ତା କଡରେ ବୃକ୍ଷ ରୋପଣ କରାଯିବ ବୋଲି ପଂଚାୟତ କାର୍ଯ୍ୟ ନିର୍ବହୀ ଅଧିକାରୀ ଦିପକ ସାମନ୍ତରାୟ , ଜିଆରଏସ ଲିପିକା ଅଗ୍ନିହୋତ୍ରୀ ପ୍ରମୁଖ ସୂଚନା ଦେଇଥିଲେ ।

## କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୩ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୧ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Monday July 12, 2021 ଭୁବନେଶ୍ୱର ସୋମବାର, ଜୁଲାଇ ୧୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

## ଭଦ୍ରକ ଜିଲ୍ଲାରେ ନୂଆ ୧୫୮ କରୋନା ପଜିଟିଭ୍ ଚିହ୍ନଟ

ଭଦ୍ରକ: ଭଦ୍ରକ ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ନୂଆ ୧୫୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୦,୬୧୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅନ୍ୟ ଜିଲ୍ଲାରୁ ୩ ଜଣ ଓ ଭଦ୍ରକ ଜିଲ୍ଲାରୁ ଜିଲ୍ଲା ବାହାରର ୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଗତ ୨୪ ଘଂଟା ମଧ୍ୟରେ ଜିଲ୍ଲାରେ ସକ୍ରିୟ ରୋଗୀ ସଂଖ୍ୟା ୨୦୬୯ ରହିଛି । ଗତକାଲି ୩୬୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଗତକାଲି ସୁଦ୍ଧା ଜିଲ୍ଲାରେ ମୋଟ୍ ୪ ଲକ୍ଷ ୩୭ ହଜାର ୫୩୭ ଜଣଙ୍କ ନମୂନା ପରୀକ୍ଷା ପରେ ମୋଟ୍ ୨୦,୪୫୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁସ୍ଥ ହୋଇଛନ୍ତି ମୋଟ୍ ୧୮ ହଜାର ୧୨୨ । ଏବେ ଆଉ ୨୨୯୨ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ନେଇ ସୂଚନା ମିଳିଛି । କରୋନାର ଦ୍ୱିତୀୟ ଲହରରେ ଅଦ୍ୟାବଧି ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୪୧ ରହିଛି ।

## ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଦିବ୍ୟାଙ୍ଗ କେନ୍ଦ୍ରରେ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳିତ

ଯାଜପୁର : ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଏ.ଆଇ.ସିସିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ ଯାଜପୁର ବିଧାନସଭା କଂଗ୍ରେସ ପାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କ ନେତୃତ୍ୱରେ ଗୋଖନାଛକ ସ୍ଥିତ ୱେଲଫେୟାର ଅଫ୍ ଦି ବ୍ଲାଇଣ୍ଡ ଅର୍ଗାନାଇଜେସନ ଠାରେ ପାଳନ କରାଯାଇଥିଲା। ସମଗ୍ର ଭାରତ ବର୍ଷରେ ଦୀର୍ଘ ୨ ବର୍ଷ ଧରି କୋଭିଡ୍-୧୯ର ପ୍ରଭାବରେ ଭାରତୀୟମାନେ ଯନ୍ତ୍ରଣାରେ ଜର୍ଜରିତ ହେଉଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ହେବା ସହ ବହୁ ଶିଶୁ ଅନାଥ ହୋଇ ଯାଇଛନ୍ତି। ଏହି ଦୁଃଖଦ ପରିସ୍ଥିତିରେ ରାହୁଲ ଗାନ୍ଧୀଙ୍କର ଜନ୍ମଦିନକୁ ଆଡମ୍ବର ପୂର୍ଣ୍ଣଭାବରେ ପାଳନ ନକରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିବାରୁ ସେହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଦୃଷ୍ଟି ବାଧିତ, ଦିବ୍ୟାଙ୍ଗ ମାନଙ୍କ ଗହଣରେ ନିରାଡମ୍ବର ଭାବରେ ଏହି ଦିବସକୁ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଉପଲକ୍ଷେ ବିଞ୍ଝାରପୁର କଂଗ୍ରେସ ପ୍ରାର୍ଥୀ ମନୋରଂଜନ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା,




ଦଳିତ କଂଗ୍ରେସ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ବରିଷ୍ଠ କଂଗ୍ରେସ ନେତା ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ଜେନା, ଆଡଭୋକେଟ୍ ଅବଦୁଲ ସଲିମ, କୃଷକ କଂଗ୍ରେସ ସେଲ୍ ସଂଯୋଜକ ବିଦ୍ୟାଧର ବାରିକ, ପୂର୍ବତନ ସରପଞ୍ଚ ଜଗବଂଧୁ ଜେନା, ସାମ୍ବାଦିକ ନକୁଳଦେବ ସାହୁ, ପୂର୍ବତନ ଜୋନ ସଭାପତି ମାନସ ରଂଜନ ପଣ୍ଡା, ରଘୁନାଥ ସାହୁ, ନୃସିଂହ ଚରଣ ସାହୁ, ସନ୍ତୋଷ କୁମାର ରାଉତ, ଯାଜପୁର ବ୍ଲକ ସଭାପତି ଗଦାଧର ଦାସ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ବିଜୟ ମହାପାତ୍ର, ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇଥିଲେ। ଦିବ୍ୟାଙ୍ଗ ସଂସ୍ଥାର ସଭାପତି ହେମନ୍ତ କୁମା ସାହୁ ସଂପାଦକ ରାକେଶ କୁମାର ଜେନା ଅନ୍ତେବାସୀ ଦଶରଥ ବେହେରା, ଚନ୍ଦନ ସାହୁ, ଶଶୀକାନ୍ତ ମହାଳିକ, ଲିପିନା ସାହୁ, ପପି ଜେନା, ମାତନ ଜେନା, କୋଇଲି ସାହୁ, ସୁଷମା ଘଡେଇ, ଯଯାତି ସେଠୀ, ବାଇନ ନାୟକ, ଶରତ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କଂଗ୍ରେସ ପକ୍ଷରୁ ମାସ୍କ ସାନିଟାଇଜର, ସାବୁନ, ପେଷ୍ଟ, ବ୍ରସ, ବିସ୍କୁଟ, ରାସନ ଦିବ୍ୟାଙ୍ଗ ମାନଙ୍କୁ ବଣ୍ଟନ କରାଯାଇଥିଲା। ଶେଷରେ ଜିଲ୍ଲା କଂଗ୍ରେସ ସଧାରଣ ସଂପାଦକ ହୃଷୀକେଶ ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ରାହୁଲ ଗାନ୍ଧୀଙ୍କୁ ଦୀର୍ଘ ଜୀବନ କାମନା କରାଯାଇ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

## ମସୁଦପୁର ବାଲି ଘାଟରେ ଜିଲ୍ଲାପାଳ ଓ ଗ୍ରୀନ୍ ଟ୍ରିବ୍ୟୁନାଲର ମିଳିତ ତଦନ୍ତ

କୋରେଇ : ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ଖରସ୍ରୋତା ନଦୀର ମସୁଦପୁର ଓ ସାହାପୁର ମୌଜାରୁ ବେଆଇନ ଭାବେ ବାଲି ଉତୋଳନ କରି କୋଟି କୋଟି ଟଙ୍କାର ରାଜସ୍ୱ ହଡପର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ କରାଯାଇଥିଲା । ପ୍ରକାଶ ଯେ, ଗତ ୨୦୨୦ ମସିହାରେ ମସୁଦପୁର ଓ ସାହାପୁର ମୌଜାରୁ ବେଆଇନଭାବେ ବାଲି ଉତୋଳନ କରାଯାଇ ରାଜପଥ କାମ କରୁଥିବା ଦିଲ୍ଲୀପ ବିଲ୍ଡକନ କମ୍ପାନୀର ଷ୍ଟକ ୟାର୍ଡରେ ଗଚ୍ଛିତ ରଖାଯିବା ସହ ବିଭିନ୍ନ ସ୍ଥାନ ଓ ଭଦ୍ରକ ଜିଲ୍ଲାକୁ ବାଲି ଚୋରା ଚାଲାଣ କରାଯାଉଥିଲା । ଲକ୍ଷ୍ମୀଧର ମହାନ୍ତି ନାମକ ଜନୈକ ବ୍ୟକ୍ତି ମିଛ ଠିକଣା ଦେଇ ଲିଫ୍ଟିଂ କରିବାର ଦାୟିତ୍ୱ ନେଇଥିଲେ । ବେଆଇନ ବାଲି ଉତୋଳନ ଯୋଗୁ ନଦୀର ଗତିପଥ ବଦଳିବା, ଖରସ୍ରୋତା ବ୍ରିଜ ପ୍ରତି ବିପଦ, ସ୍ଥାନୀୟ ଅଂଚଳ ଯଥା ହାଟ, ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏହାର ପ୍ରଭାବ ଏବଂ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ନେଇ ମସୁଦପୁର ଗ୍ରାମର ପିନାକ ରଂଜନ ଦାସ ଓ ଗ୍ରାମବାସୀ ମାନେ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ପରବର୍ତି ଅବସ୍ଥା ଶ୍ରୀ ଦାସ ବାଧ ହୋଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ଗ୍ରୀନ ଟ୍ରିବ୍ୟୁନାଲର ତଦନ୍ତ ପରେ ଲକ୍ଷ୍ମୀଧର ମହାନ୍ତିଙ୍କ ଉପରେ ୨୦ ହଜାର ଜରିମାନା ଓ ବ୍ୟାସନଗର ତହସିଲ ପକ୍ଷରୁ ଗଚ୍ଛିତ ବାଲିକୁ ଆକଳନ କରାଯାଇ ୧ ଲକ୍ଷ ୮୮ ହଜାର ୨ ଶହ ୩୭ ଟଙ୍କା ଜୋରିମାନା କରାଯାଇଥିଲା । ମାତ୍ର ଏହି ଫାଇନ୍ ମିଳିଭଗତରେ କରାଯିବା ଓ ତଦନ୍ତ ସମୟରେ ଶ୍ରୀ ଦାସଙ୍କୁ ଡକାନଯିବା ଓ ବହୁ ଅଧିକ ପରିମାଣରେ ରାଜସ୍ୱ ହାନୀ ହେବା ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ପୁନଃ ଅଭିଯୋଗ ହୋଇଥିଲା ।

## ମେଗା ଷ୍ଟିଲ ପ୍ଲାଣ୍ଟ ବଦଳରେ ମିନି ଷ୍ଟିଲ ପ୍ଲାଣ୍ଟ, କେନ୍ଦୁଝର ଜିଲ୍ଲାକୁ ଲଲିପପ୍

କେନ୍ଦୁଝର: କେନ୍ଦୁଝର ଜିଲ୍ଲାର ବଡବିଲ ତହସିଲ ଅଂର୍ଗତ କାରାଖେଣ୍ଡରାଠାରେ ଥିବା ରୁଙ୍ଗଟା ସ୍ପ ଆଇରନ କାରଖାନାକୁ ଷ୍ଟିଲ ପ୍ଲାଣ୍ଟରେ ପରିଣତ ହେବ। ଏଥିପାଇଁ ସରକାର ମଧ୍ୟ ଗତ ୩ ଦିନ ଘୋଷଣା କରିଛି। ଜିଲ୍ଲାରେ ଏକ ମେଗା ଇସ୍ପାତ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦୀର୍ଘ ବହୁ ବର୍ଷ ଧରି ବିଭିନ୍ନ ସଂସ୍ଥା,ସଂଗଠନ ଓ ଦଳ ପକ୍ଷରୁ ଆନ୍ଦୋଳନ ହୋଇ ଆସୁଥିଲା। ଜିଲ୍ଲାର ଖଣିଜ ସମ୍ପଦ ର ସୁବିନିଯୋଗ ପାଇଁ ମେଗା ଷ୍ଟିଲ ପ୍ଲାଣ୍ଟର ଆବଶ୍ୟକତା ରହିଥିବାବେଳେ ଏଠାରେ କାରଖାନା ନ କରି ଅନ୍ୟ ଜିଲ୍ଲା ଓ ରାଜ୍ୟରେ ଖଣି ସଂସ୍ଥାମାନେ ଇସ୍ପାତ କାରଖାନା କରିଛି। ଧୂଳିଧୂଆଁ ପ୍ରଦୂଷିତ ଛୋଟ ଛୋଟ ସ୍ପ କାରଖାନା ସ୍ଥାପନା ହେବା ଫଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିନାହିଁ। ବରଂ ପ୍ରଦୂଷଣ ର ମାତ୍ରା ବଢିଛି। ଏ ନେଇ ଆନ୍ଦୋଳନ ପରେ ଜିଲ୍ଲାରେ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧୦ ମିଲିୟନ ଟନ ରୁ ଉର୍ଦ୍ଧ ଆର୍ସେଲର ମିତ୍ତଲ,ଉତ୍ତମ ଗାଲଭା ଓ ଷ୍ଟେରଲାଇଟ ସହ ଏମଓୟୁ ଦସ୍ତଖତ କରିଥିଲେ। କିନ୍ତୁ ସେ ସବୁ ସଂସ୍ଥା ମେଗା ଇସ୍ପାତ କାରଖାନା ନ କରି ଫେରିଗଲେ। ସେହିପରି କେତେକ ସ୍ଥାନୀୟ ଶିଳ୍ପ ସଂସ୍ଥା ସହିତ ଏମଓୟୁ ଦସ୍ତଖତ କରି ଇସ୍ପାତ କାରଖାନାରେ ପରିଣତ କରି ଜିଲ୍ଲାକୁ ଇସ୍ପାତ ଜିଲ୍ଲାର ମାନ୍ୟତା ଦେବାକୁ ଉଦ୍ୟମ ହୋଇଥିଲା। ତାହା ମଧ୍ୟ ସଫଳ ହୋଇ ପାରିନାହିଁ। ଏବେ ମିତ୍ତଲ,ଜେଏସଡବ୍ଲୁ ଭଳି ବଡ ବଡ ସଂସ୍ଥା ଏକାଧିକ ଖଣି ପାଇଥିବାବେଳେ ସେମାନଙ୍କୁ ମେଗା ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ପାଇଁ କୁହା ନଯିବା ଏବଂ ଜିଲ୍ଲାରେ ରୁଙ୍ଗଟା ଭଳି କମ୍ପାନୀ ସହିତ ଏମଓୟୁ କରି ଏକ ୩ ମିଲିୟନ ଟନ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଘୋଷଣା କରିବା ମେଗା ଇସ୍ପାତ କାରଖାନା ଦାବୀ ଅପୂରଣୀୟ ହୋଇ ରହିବ। କେନ୍ଦୁଝର ଜିଲ୍ଲାର ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ରୁଙ୍ଗଟା ମାଇନ୍ସ ଅଁଦଅନର୍ଦିଏହି କାରା ଖେଣ୍ଡରାରେ ୭୯୨୦କୋଟି ଟଙ୍କା ବ୍ୟୟରେ ଏକ ଷ୍ଟିଲ ପ୍ଲାଂଟ ପ୍ରତିଷ୍ଠା କରିବ ଯେଉଁଥିରେ ୫୨୩୪ ଜଣ ନିଯୁକ୍ତି ପାଇପାରିବେ ବୋଲି କୁହାଯାଉଛି । ମାତ୍ର ଏହି କମ୍ପାନୀ ଢେଙ୍କାନାଳ ଠାରେ ୧୧ହଜାର କୋଟି ଟଙ୍କାରେ ଏକ ବଡ କାରଖାନା, କେନ୍ଦୁଝର ଜିଲ୍ଲାରୁ ଉନ୍ନତମାନର ଲୁହାପଥର ନେଉଥିବା ଟାଟା କମ୍ପାନୀ ଯାଜପୁରରେ ୪୭ହଜାର ୫୯୯ କୋଟି ଟଙ୍କାରେ ଓ ଏଠାରୁ ଲୁହାପଥର ନେଉଥିବା ଜିନ୍ଦଲ ଅନୁଗୁଳ ଜିଲ୍ଲାରେରେ ୨୪ହଜାର ୬୫୨କୋଟି ଟଙ୍କା ବ୍ୟୟରେ, ସମ୍ବଲପୁରଠାରେ ଭୂଷଣ ୫୫ହଜାର କୋଟି ଟଙ୍କାର କାରଖାନା କରୁଥିବା ଜଣାପଡିଛି। ମାତ୍ର କେନ୍ଦୁଝର ଜିଲ୍ଲା ପାଇଁ ଷ୍ଟିଲ ପ୍ଲାଣ୍ଟ ଘୋଷଣା ଜିଲ୍ଲା ପାଇଁ ଉପହାସ ବୋଲି ଆଲୋଚନା ହେଉଛି। ମେଗା ଷ୍ଟିଲ ପ୍ଲାଣ୍ଟ ବଦଳରେ ଷ୍ଟିଲ ପ୍ଲାଣ୍ଟ ପାଇଁ ସରକାର ଘୋଷଣା କରିବା ପରେ ଶୁକ୍ରବାର ଦିନ ଏହାକୁ ନେଇ ଦଳୀୟ ଫୋରମରେ ଆହୁତ ଏକ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ବିଜେଡି ପକ୍ଷରୁ ଅନୁଷ୍ଠିତ ହୋଇଥିଲେ ହେଁ ବୃହତ ଷ୍ଟିଲ ପ୍ଲାଣ୍ଟ ଘୋଷଣା ହୋଇନଥିବାରୁ ଦୀର୍ଘ ବର୍ଷର ଦାବୀ ପୂରଣ ହୋଇ ପାରିନଥିବା ଆଲୋଚନା ହେଉଛି।

## ଆଇଡିଏଫ୍ସି ଫର୍ଷ୍ଟ ବ୍ୟାଙ୍କ ପକ୍ଷରୁ ଗ୍ରାହକ କୋଭିଡ୍ ରିଲିଫ୍ କାର୍ଯ୍ୟକ୍ରମ ତଥା କର୍ମଚାରୀ କୋଭିଡ୍ କେୟାର୍ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର : ଆଇଡିଏଫ୍ସି ଫର୍ଷ୍ଟ ବ୍ୟାଙ୍କ ଏହାର ସ୍ୱଳ୍ପ ଆୟ କରୁଥିବା ସେହି ଗ୍ରାହକଙ୍କ ପାଇଁ କର୍ମଚାରୀମାନଙ୍କ ଦ୍ୱାରା ଅନୁଦାନ ପ୍ରାପ୍ତ ''ଘର ଘର ରାସନ'' କାର୍ଯ୍ୟକ୍ରମ ଆରମ୍ଭ କରିଛି ଯେଉଁମାନଙ୍କର ଜୀବିକା କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ହୋଇଛି। କୋଭିଡ୍-୧୯ କାରଣରୁ ଦୁର୍ଭାଗ୍ୟବଶତଃ ପ୍ରାଣ ହରାଇଥିବା କର୍ମଚାରୀଙ୍କ ପରିବାର ପାଇଁ ବ୍ୟାଙ୍କ ଏକ ବ୍ୟାପକ କାର୍ଯ୍ୟକ୍ରମ ଘୋଷଣା କରିବା ସହ ଭୂତାଣୁ ବ୍ୟାପିବାକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛି। ''ଘର ଘର ରାସନ'' ହେଉଛି ଏକ ନିଆରା କାର୍ଯ୍ୟକ୍ରମ ଯେଉଁଠାରେ କର୍ମଚାରୀମାନେ ସେମାନଙ୍କର ବ୍ୟକ୍ତିଗତ ଆୟରୁ ଗ୍ରାହକ କୋଭିଡ୍ କେୟାର ଫଣ୍ଡ ସ୍ଥାପନ କରି ୫୦,୦୦୦ କୋଭିଡ୍ ପ୍ରଭାବିତ ସ୍ୱଳ୍ପ ଆୟକାରୀ ଆଇଡିଏଫ୍ସି ଫର୍ଷ୍ଟ ବ୍ୟାଙ୍କ ଗ୍ରାହକଙ୍କୁ ରିଲିଫ ଯୋଗାଇବାରେ ସହଯୋଗ କରିଛନ୍ତି । ବ୍ୟାଙ୍କର କର୍ମଚାରୀମାନେ ଏହି ଉଦ୍ଦେଶ୍ୟରେ ଗୋଟିଏ ଦିନ ଆରମ୍ଭ କରି ଗୋଟିଏ ମାସ ପର୍ଯ୍ୟନ୍ତ ବେତନର ଅନୁଦାନ ଦେଇଛନ୍ତି। ଗ୍ରାମାଂଚଳରେ, ରାସନ କିଟ୍ ଗୁଡ଼ିକ କର୍ମଚାରୀମାନେ ଘରକୁ ନେଇ ବିତରଣ କରୁଛନ୍ତି ଏବଂ ସହରାଂଚଳରେ କର୍ମଚାରୀମାନେ ପ୍ରଭାବିତ ଗ୍ରାହକଙ୍କୁ ୧୮୦୦ ଟଙ୍କା ମୂଲ୍ୟର ପ୍ରି-ପେଡ୍ କାର୍ଡ ପ୍ରଦାନ କରୁଛନ୍ତି, ଯାହାକି ସେମାନେ ଏହିପରି ଅତ୍ୟାବଶ୍ୟକ ସାମଗ୍ରୀ କିଣିବାରେ ବ୍ୟବହାର କରିପାରିବେ। ଏପରିକି ଋଣ ପରିଶୋଧରେ ବିଳମ୍ବ କରିଥିବା ଗ୍ରାହକମାନେ ଏହି କାର୍ଯ୍ୟକ୍ରମ ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ଅଟନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀମାନେ ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ଗୁଜୁରାଟ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ହରିୟାଣା, କେରଳ ଏବଂ ଛତିଶଗଡରେ ୧୫୦୦୦ ରାସନ କିଟ୍ ବଂଟନ କରିସା ରିଛନ୍ତି। ଆଇଡିଏଫ୍ସି ଫର୍ଷ୍ଟ ବ୍ୟାଙ୍କର ଏମ୍ଡି ଏବଂ ସିଇଓ ଶ୍ରୀ ଭି ବୈଦ୍ୟନାଥନ୍ କହିଛନ୍ତି, ''ଆମେ ସଙ୍କଟର ମାତ୍ରାକୁ ଦୃଷ୍ଟିରେ ରଖି ସମସ୍ତ ସମସ୍ୟାର ସମାଧାନ କରିପାରିବୁ ନାହିଁ ସତ, କିନ୍ତୁ ଆମେ ଆମର ଗ୍ରାହକଙ୍କୁ ଯଥାସମ୍ଭବ ସମର୍ଥନ କରିବାକୁ ଚାହୁଁଛୁ ଏବଂ ତେଣୁ ଆମେ ''ଘର ଘର ରାସନ'' କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଏହି କାର୍ଯ୍ୟକ୍ରମ ଅଧୀନରେ, ଆମର କର୍ମଚାରୀମାନେ ଏକ କୋଭିଡ୍ କଷ୍ଟମର୍ କେୟାର୍ ଫଣ୍ଡ ସୃଷ୍ଟି କରିବା ପାଇଁ ଗୋଟିଏ ଦିନର ଦରମା ଠାରୁ ଆରମ୍ଭ କରି ଏକ ମାସର ବେତନ ପର୍ଯ୍ୟନ୍ତ ବିଭିନ୍ନ ପରିମାଣର ରାଶିର ସହଯୋଗ କରିଥିଲେ। ଏମ୍ପ୍ଲଇ କୋଭିଡ୍ କେୟାର ସ୍କିମ୍ ୨୦୨୧: ମହାମାରୀ ଆରମ୍ଭରୁ ହିଁ କୋଭିଡ୍-୧୯ କାରଣରୁ ପ୍ରାଣ ହରାଇଥିବା କର୍ମଚାରୀଙ୍କ ପରିବାରକୁ ସହାୟତା କରିବା ପାଇଁ ବ୍ୟାଙ୍କ ଏକ ବ୍ୟାପକ ଏମ୍ପ୍ଲଇ କୋଭିଡ୍ କେୟାର ସ୍କିମ୍ ୨୦୨୧ ମଧ୍ୟ ଆରମ୍ଭ କରିଛି। ଏହି ଯୋଜନାରେ ମୋଟ ଫିକ୍ସଡ୍ ପେ ର ୪ ଗୁଣ ଗ୍ରୁପ୍ ଟର୍ମ ଲାଇଫ୍ ବା ୩୦ ଲକ୍ଷ ଟଙ୍କା, ଯେଉଁ ପରିମାଣ ଅଧିକ ୨ ବର୍ଷ ପାଇଁ ନୋମିନିଙ୍କୁ ଦରମା ପ୍ରଦାନ କରାଯିବ । ଜୁନ୍ ୩୦, ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକ ପାଇଁ କର୍ମଚାରୀମାନଙ୍କ ଦ୍ୱାରା କରାଯାଇଥିବା ସମସ୍ତ କର୍ମଚାରୀ ଋଣ ଛାଡ଼ କରାଯିବ । ଜୁନ୍ ୩୦, ୨୦୨୧ ପୂର୍ବରୁ ଯେକୌଣସି ପ୍ରକାର ମୃତାହତମାନଙ୍କ ପାଇଁ ଋଣ ଛାଡ ସୀମା ୨୫ ଲକ୍ଷ ଧାର୍ଯ୍ୟ କରାଯାଇଛି। ଏହି ତାରିଖ ପରେ, କର୍ମଚାରୀମାନେ ସେମାନଙ୍କ ଋଣର ବୀମା କରିବା ପାଇଁ ଆଶା କରାଯାଉଛି। କର୍ମଚାରୀଙ୍କ ପରିବାରର ମେଡିକ୍ଲେମ୍ ବୀମା ସମୟସୀମା ୨୪ ମାସ ପାଇଁ ବଢ଼ାଇ ଦିଆଯାଇଛି। ସ୍ନାତକ ପର୍ଯ୍ୟନ୍ତ ୨ ଜଣ ସନ୍ତାନଙ୍କୁ ମାସିକ ୧୦,୦୦୦ ପର୍ଯ୍ୟନ୍ତ ଛାତ୍ରବୃତି ପ୍ରଦାନ କରାଯିବ। ଯୋଗ୍ୟତା ଉପରେ ନିର୍ଭର କରି ଜୀବନସାଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ରୋଜଗାରର ସୁଯୋଗ ପାଇ ନାହାଁନ୍ତି କିମ୍ବା ଯୋଗ୍ୟ ନୁହଁନ୍ତି ସେମାନଙ୍କୁ ଦକ୍ଷତା ତାଲିମ ଉଦ୍ଦେଶ୍ୟରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଅନ୍ତିମ ସଂସ୍କାର ପାଇଁ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ସ୍ଥାନାନ୍ତର ପାଇଁ ପରିବାରକୁ ୫୦,୦୦୦ ଟଙ୍କାର ସହାୟତା ଏହି ବର୍ଷର ସେବା ପାଇଁ ପ୍ରୋ-ରେଟା ବୋନସ୍ ପେଆଉଟ୍ । ପ୍ରଭାବିତ ପରିବାର ପାଇଁ ବ୍ୟକ୍ତିଗତ ଆର୍ଥିକ ପରାମର୍ଶ । ଯଦି କର୍ମଚାରୀଙ୍କ ପରିବାରର କେହି ସଂକ୍ରମିତ ହୁଅନ୍ତି ତେବେ ଅପ୍ରତ୍ୟାଶିତ ଖର୍ଚ୍ଚ ପୂରଣ ବାବଦକୁ ୨୪ ମାସ ପାଇଁ ୦% ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଗୁଆ ଦରମା। https://www.linkedin.com/posts/idfcfirstbank_idfc-first employee-covid-care-scheme-2021-activity-6801451169748144128-FIuG

ଏଥିସହ ବ୍ୟାଙ୍କ ଏହାର କର୍ମଚାରୀମାନଙ୍କ ପାଇଁ କୋଭିଡ୍-୧୯ ଟୀକାକରଣର ବ୍ୟବସ୍ଥା କରୁଛି ଏବଂ ଅନ୍ୟ ସ୍ଥାନରୁ ଟୀକା ଗ୍ରହଣ କରିଥିଲେ ଏହାର ମୂଲ୍ୟ ମଧ୍ୟ ଫେରସ୍ତ କରାଯିବାର ବ୍ୟବସ୍ଥା ରହିଛି। କେରଳ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ, ଛତିଶଗଡ, ଓଡ଼ିଶା, ହରିୟାଣା ଏବଂ ରାଜସ୍ଥାନରେ ନଅଟି ବିଭିନ୍ନ ଭାଷାରେ ଏସ୍‌ଏମ୍‌ଏସ୍ ଲିଙ୍କ୍ ମାଧ୍ୟମରେ ଆନିମେଟେଡ୍ ଚଳଚ୍ଚିତ୍ର ବିତରଣ କରୁଛି। କୋଭିଡ୍-୧୯ ଟୀକାକରଣ ବିଷୟରେ ସଚେତନତା ଉପରେ ଚଳଚ୍ଚିତ୍ର ଦେଖିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ: ଷତ୍ପତ୍ପକ୍ଷ୍ମ://ଛକ୍ଟଙ୍କତ୍ପଙ୍କ.ଭର/ ଡଙ୍ଗଗ୬ଭଙ୍ଘଭଷଚଜମ । ଅକ୍ସିଜେନ୍ କନସେଟେର୍ ଅନୁଦାନ କାର୍ଯ୍ୟକ୍ରମ: ଗ୍ରାମୀଣ ଡାକ୍ତରଖାନାଗୁଡ଼ିକରେ ଅକ୍ସିଜେନ୍ କନସେଟେର୍ର ଅଭାବକୁ ପୂରଣ କରିବା ପାଇଁ ବ୍ୟାଙ୍କ ୪୨ ଟି ଗ୍ରାମୀଣ ଶାଖାର ଡାକ୍ତରଖାନାର ଅକ୍ସିଜେନ୍ କନସେଟେର୍ର ବ୍ୟବସ୍ଥା କରିଛି। ଗାଁ ଗାଁରେ ମାସ୍କ କାର୍ଯ୍ୟକ୍ରମ: ମଧ୍ୟପ୍ରଦେଶର ଗ୍ରାମାଂଚଳରେ ବ୍ୟାଙ୍କର ଫ୍ଲାଗସିପ୍ ଶ୍ୱେତଧାରା କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗ୍ରାମୀଣ ଦଳ ୧,୦୦,୦୦୦ ମାସ୍କ ସିଲେଇ କରିବାର ନେତୃତ୍ୱ ନେଉଥିବା ୬୪ ଜଣ ଗ୍ରାମ ସଖୀ (ଗ୍ରାମୀଣ ସ୍ତରର ମହିଳା ଉଦ୍ୟୋଗୀ) କୁ ସକ୍ଷମ କରୁଛି। ମାସ୍କ ବଂଟନ କାର୍ଯ୍ୟକ୍ରମ: ଏଥିସହ ବ୍ୟାଙ୍କ କୋଭିଡ୍-୧୯ ଭୂତାଣୁ ବ୍ୟାପିବାକୁ ରୋକିବା ପାଇଁ ୧୧ ଟି ରାଜ୍ୟର ଗ୍ରାମାଂଚଳ ଏବଂ ସହରାଂଚଳରେ ୪ ଲକ୍ଷରୁ ଅଧିକ ମାସ୍କ ବଂଟନ କରୁଛି।ନଗଦ ରିଲିଫ୍ ସହାୟତା: ବ୍ୟାଙ୍କ ୨୫୦ ଅସହାୟ ପରିବାରକୁ ସହାୟତା କରୁଛି, ଯେଉଁମାନେ ସେମାନଙ୍କ ପରିବାରର ରୋଜଗାରକ୍ଷମ ସଦସ୍ୟଙ୍କୁ କୋଭିଡ୍-୧୯ ରେ ହରାଇଛନ୍ତି, ଯେଉଁଥିରେ ଗିଭ୍ ଇଣ୍ଡିଆ ସହଭାଗିତାରେ ନଗଦ ୧୦,୦୦୦ ଟଙ୍କା ସହାୟତା ଅନ୍ତର୍ଭୁକ୍ତ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

ଶୁଭେଚ୍ଛା ! ଶୁଭେଚ୍ଛା !! ଶୁଭେଚ୍ଛା !!!
ପବିତ୍ର ରଥଯାତ୍ରା ଅବସରରେ ଚମ୍ପୁଆ ଉପଖଣ୍ଡର ସମସ୍ତ ଟ୍ରକମାଲିକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ମାତାପ୍ରସାଦ ଜୟସ୍ୱାଲ (ସଭାପତି) | ସୁଶାନ୍ତ କୁମାର ବାରିକ (ସମ୍ପାଦକ) | ବିଜୟ କୁମାର ଆପଟ୍ଟ (ଉପସଭାପତି) | ଅଶୋକ କୁମାର କାରୁଆ (ସହସମ୍ପାଦକ) | ରାଜେଶ ରୋଶନ (କୋଷାଧ୍ୟକ୍ଷ)

ସାମାଜିକ ଦୂରତା ରଖନ୍ତୁ, ମାସ୍କ ବ୍ୟବହାର କରନ୍ତୁ, କରୋନା ଠାରୁ ଦୂରରେ ରୁହନ୍ତୁ
JODA TRUCK OWNERS ASSOCIATION
JODA, KEONJHAR

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray